

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 MARCH 2023
Vol.No. 34 ■ No. 72 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଆଞ୍ଚଳିକ ଦଳକୁ ନେଇ ସୁପ୍ରିମକୋର୍ଟଙ୍କ ବଡ ଟିପ୍ପଣି

## ଅଧିକାଂଶ ଆଂଚଳିକ ଦଳ ପରିବାର କେନ୍ଦ୍ରିତ : ଜଣଙ୍କ ବ୍ୟତୀତ ଦଳରେ ଅନ୍ୟ କାହାର ନଥାଏ ସ୍ୱାଧୀନତା

ନୂଆଦିଲ୍ଲୀ, ୧୭/୦୩ : ଆଞ୍ଚଳିକ ଦଳଗୁଡିକୁ ନେଇ ବଡ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ । ଅଧିକାଂଶ ଆଂଚଳିକ ରାଜନୈତିକ ଦଳ ପରିବାର କେନ୍ଦ୍ରିତ । କେବଳ ଜଣେ ବ୍ୟକ୍ତିଙ୍କ ବ୍ୟତୀତ ଆଂଚଳିକ ଦଳଗୁଡିକରେ ଅନ୍ୟ କାହାର ସ୍ୱାଧୀନତା ନଥାଏ । ଅଧିକାଂଶ କ୍ଷେତ୍ରରେ ଏକ ପରିବାର ଆଂଚଳିତ ଦଳ ଚଳାଇଥାନ୍ତି । ଏଥିରେ ଅନ୍ୟ କାହା ପାଇଁ ସୁଯୋଗ ନଥାଏ । ଯେତେ ଦକ୍ଷତା ସମ୍ପନ୍ନ ନେତା ହୋଇଥିଲେ ମଧ ତାଙ୍କୁ ସୁଯୋଗ ମିଳିନଥାଏ । ଏଥିରେ କୌଣସି ବିକଳ୍ପ ବ୍ୟବସ୍ଥା ମଧ ନାହିଁ ଏବଂ ଏଥିରେ ପରବର୍ତ୍ତନ ଅସମ୍ଭବ । ମହାରାଷ୍ଟ୍ରର ରାଜନୈତିକ ଦଳ ଶିବସେନାର ପ୍ରକୃତ ଉତରାଧିକାରୀ ନେଇ ଉଦ୍ଧବ ଠାକରେ ଏବଂ



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧରେ ଚାଲିଥିବା ବିବାଦର ଶୁଣାଣି ବେଳେ ଆଂଚଳିକ ଦଳକୁ ନେଇ ଏଭଳି କିଛି କହିଛନ୍ତି ଜଷ୍ଟିସ୍ ପି.ଏସ୍. ନରସିମା । ଏହି ମାମଲାର ଶୁଣାଣି ପାଇଁ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠରେ ଜଷ୍ଟିସ୍ ନରସିମା ଜଣେ ବିଚାରପତି ଅଛନ୍ତି । ସେପଟେ ଏକନାଥ ସିନ୍ଦେଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରିଥିବା, ମହାରାଷ୍ଟ୍ର ରାଜ୍ୟପାଳଙ୍କ ନିଷ୍ପତିକୁ ନେଇ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ ସମାଲୋଚନା କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି, ଯଦି କିଛି ବିଧାୟକ ଶାସକ ଦଳରୁ ଅଲଗା ହୋଇ ସରକାର ଗଠନ କରିବାକୁ ଦାବି କରନ୍ତି, ତାହା ଗ୍ରହଣଯୋଗ୍ୟ ନୁହେଁ । ସେମାନଙ୍କୁ ଏକ ରାଜନୈତିକ ଦଳ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ସରକାର ଗଠନ ପାଇଁ ସେମାନଙ୍କର କୌଣସି ସାମ୍ବିଧାନିକ ଅଧିକାର ନଥାଏ । ବିଧାନସଭାରେ ବିଧାୟକମାନଙ୍କୁ ଏକ ଗ୍ରୁପ ନୁହେଁ ବ୍ୟକ୍ତିଗତ ଭାବେ ଗଣାଯାଇଥାଏ । ବିଧାନସଭାରେ କୌଣସି ଗ୍ରୁପ୍ ନଥାଏ । ସରକାର କେବଳ ମେଂଟ କରି ଗଠନ କରାଯାଇଥାଏ ବୋଲି କହିଛନ୍ତି ପ୍ରଧାନ ବିଚାରପତି ।

### ଥମୁନି ରାହୁଲ ଗାନ୍ଧୀ ମନ୍ତବ୍ୟଙ୍କୁ ନେଇ ଉଠିଥିବା ବିବାଦ

## ଶାସକ ଓ ବିରୋଧୀଙ୍କ ହଟଗୋଳ ଯୋଗୁ ୫ ଦିନ ଚାଲିପାରିଲାନି ସଂସଦ

ନୂଆଦିଲ୍ଲୀ, ୧୭/୦୩ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟଙ୍କୁ ନେଇ ଉଠିଥିବା ବିବାବ ଥମିବାରେ ନାଁ ଧରୁନି । ଶୁକ୍ରବାର ଏହି ପ୍ରସଙ୍ଗ ନେଇ ଲଗାତାର ପଂଚମ ଦିନ ସଂସଦ ଚାଲିପାରିନି । ଦେଶ ବିରୋଧୀ ମନ୍ତବ୍ୟ ପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ବିଜେପି ଦାବି କରିଥିବା ବେଳେ ଆଦାନୀ ମାମଲାରେ ଜେପିସି ତଦନ୍ତ ପାଇଁ ବିରୋଧୀ ଦାବି କରିଥିଲେ । ଶେଷରେ ସଂସଦର ଉଭୟ ଗୃହକୁ ଆସନ୍ତା ସୋମବାର ଯାଏଁ ମୁଲତବୀ ଘୋଷଣା କରାଯାଇଛି । ଲଣ୍ଡନରେ ଭାରତରେ ଗଣତନ୍ତ୍ରକୁ ନେଇ ରାହୁଲ ଦେଇଥିବା ବୟାନ ପାଇଁ ଯଦି



ସେ କ୍ଷମା ନମାଗନ୍ତି ତେବେ ତାଙ୍କୁ ସଂସଦରେ କହିବାକୁ ସୁଯୋଗ ଦିଆଯିବନି ବୋଲି ବିଜେପି କହିଥିଲା । ରାହୁଲ ବିଦେଶରେ ଦେଇଥିବା ଭାଷଣ ଉପରେ ଏକ ତଦନ୍ତ କମିଟି ଗଠନ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଦାବି କରିଥିଲେ । ସେପଟେ ଭାରତ ସ୍ୱାଧୀନତାରେ ବିଜେପିର କୌଣସି ଅବଦାନ ନାହିଁ । ଆଦାନୀ ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ଗଣତନ୍ତ୍ର ଉପରେ ରାହୁଲ ଗାନ୍ଧୀଙ୍କ ଭାଷଣକୁ ନେଇ ବିଜେପି ପ୍ରସଙ୍ଗ କରୁଛି ବୋଲି କହିଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ।

### ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ଜୟନାରାୟଣଙ୍କୁ ଜାମିନ୍

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ବିଜେପୁର ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଏଡିଜେ କୋର୍ଟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଜୟନାରାୟଣଙ୍କ ସହ ଅନ୍ୟ ୧୧ ଜଣଙ୍କୁ ମଧ୍ୟ ଜାମିନ୍ ମିଳିଛି। ଜେଏମ୍ଏଫ୍ସି ସୋହେଲା କୋର୍ଟରୁ ମାମଲାଟି ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତରିତ ହୋଇଛି। ପୂର୍ବରୁ ଜେଏମ୍ଏଫ୍ସି ସୋହେଲା କୋର୍ଟରୁ ମଧ ଜୟନାରାୟଣ ଜାମିନ ପାଇଥିଲେ। ତଳ କୋର୍ଟରେ ଯାହା ସର୍ତ ରହିଥିଲା ସେହି ସର୍ତ କାୟମ ରଖିଛନ୍ତି ଭୁବନେଶ୍ୱର ଏଡିଜେ ସ୍ୱତନ୍ତ୍ର କୋର୍ଟ। ସର୍ତ ଅନୁଯାୟୀ ଜୟନାରାୟଣ ରାଜ୍ୟ ବାହାରକୁ ଗଲେ କୋର୍ଟକୁ ଜଣାଇବେ। ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ କୌଣସି ମାମଲାରେ ସଂପୃକ୍ତ ରହିବେ ନାହିଁ। ସାକ୍ଷୀଙ୍କୁ ପ୍ରଭାବିତ କିମ୍ବା ପ୍ରମାଣ ନଷ୍ଟ କରିବେ ନାହିଁ। ସୂଚନା ଥାଉକି, ଗତ ୨୨ ଫେବୃଆରୀ ୨୦୧୮ରେ ବିଜେପୁର ଉପନିର୍ବାଚନର ଦୁଇଦିନ ପୂର୍ବରୁ ବରଗଡ଼ ଜିଲ୍ଲା ବିଜେପୁରରେ ବିଜେଡି କର୍ମୀ ଦିଲେଶ୍ୱରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେ ମନ୍ତ୍ରୀ ସୁଶାନ୍ତ ସାହୁଙ୍କ ଭାଇଙ୍କ ଗାଡ଼ି ଡ୍ରାଇଭର ଥିଲେ। ଅଭିଯୋଗ କ୍ରମେ ଜୟନାରାୟଣ ଓ ଅନ୍ୟ ୧୧ ଜଣ ଗିରଫ ମଧ ହୋଇଥିଲେ।

## ଡ୍ରାଇଭର ମହାସଂଘର ଆନ୍ଦୋଳନ ସ୍ଥଗିତ

### ୯୦ ଦିନରେ ଦାବି ପୂରଣ ନହେଲେ ନବୀନ ନିବାସ ଆଗରେ ଆତ୍ମାହୂତି ଦେବୁ : ସଭାପତି



ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ଲାଗି ରହିଥିବା ୩ ଦିନର ଅନିଶ୍ଚିନ୍ତତାର ଅବସାନ ଘଟିଛି। ଶେଷରେ ଷ୍ଟିୟରିଂ ଛାଡ୍ ଆନ୍ଦୋଳନକୁ ସ୍ଥଗିତ ରଖିଛି ଡ୍ରାଇଭର ଏକତା ମହାମଂଚ। ମହାମଂଚର ସଭାପତି ପ୍ରଶାନ୍ତ ମେନ୍ଦୁଲି ଏକ ଭିଡିଓ ଜାରି କରି ଏହି ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ୩ ମାସ ବା ୯୦ ଦିନର ସମୟସୀମାରେ ଦାବି ପୂରଣ ନହେଲେ ୯୧ ଦିନରେ ନବୀନ ନିବାସ ସମ୍ମୁଖରେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି। ଶୁକ୍ରବାର ସାରା ଦିନ ଆନ୍ଦୋଳନକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ବାଚସ୍ପତିଙ୍କ ନିର୍ଦ୍ଦେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ବିବୃତି ରଖିଥିଲେ। ଗୃହରେ ନିଜ ବିବୃତିରେ ଡ୍ରାଇଭରମାନେ ଆନ୍ଦୋଳନରୁ ଓହରିବାକୁ ସହମତି ଦେଇଥିବା କହିଥିଲେ ମନ୍ତ୍ରୀ ଟୁକୁନି ସାହୁ। ତେବେ ମୁଖ୍ୟମନ୍ତ୍ରୀ ଘୋଷଣା ନକରିବା ଯାଏଁ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି କହିଥିଲା ସଂଘ। ସରକାରଙ୍କ ପ୍ରତିଶ୍ରୁତି ଉପରେ ଭରସା ନାହିଁ ବୋଲି ସଂଘ କହିଥିଲା। ଏହାପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଆନ୍ଦୋଳନରୁ ଓହରିବାକୁ ଅପିଲ୍ କରିଥିଲେ। ସହିପରି ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଡ୍ରାଇଭରମାନେ ଆଇନ୍ କୁ ହାତକୁ ନେଉଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ସଂଧ୍ୟାରେ ଆନ୍ଦୋଳନ ବନ୍ଦ ରହିଲା ବୋଲି ମହାସଂଘର ସଭାପତି ଘୋଷଣା କରିଥିଲେ।

▶▶ପୃଷ୍ଠା ୭

## ଆଦାନୀ ମାମଲାରେ ଜେପିସି ଗଠନ ଦାବି ନେଇ ସଂସଦ ଭବନ ପରିସରରେ ବିରୋଧୀଙ୍କ ସତ୍ୟାଗ୍ରହ




ନୂଆଦିଲ୍ଲୀ, ୧୭/୦୩ : ସଂସଦଭବନ ପରିସରରେ ଥିବା ଗାନ୍ଧୀ ମୂର୍ତି ତଳେ ବିରୋଧୀଙ୍କ ସତ୍ୟାଗ୍ରହ । କଂଗ୍ରେସ ସମେତ ୧୭ ବିରୋଧୀ ଦଳ ସତ୍ୟାଗ୍ରହ କରି ଆଦାନୀ ମାମଲାରେ ଜେପିସି ଗଠନ ପାଇଁ ଦାବି କରିଛନ୍ତି । କଂଗ୍ରେସର ପୂର୍ବତନ ଅଧକ୍ଷ ସୋନିଆ ଗାନ୍ଧୀ, ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଦଳର ବରିଷ୍ଠ ନେତା ଏହି ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି । ବିରୋଧୀଙ୍କ ପ୍ଲାକାର୍ଡରେ ଗୌତମ ଆଦାନୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକାଠି ଦେଖିବାକୁ ମିଳିଛି । ବିରୋଧୀ କହୁଛନ୍ତି ସଂସଦରେ ସେମାନଙ୍କୁ କହିବାକୁ ସୁଯୋଗ ଦିଆଯାଉନି । ଆଦାନୀ ଓ ମୋଦି ସରକାର ମିଳିତଭାବେ ଦେଶକୁ ଲୁଟୁଛନ୍ତି । ଜେପିସି ଗଠନ କରାଯାଇ ଆଦାନୀ ଘୋଟାଲାର ତଦନ୍ତ କରାଯାଉ । ଆମେରିକା ରିସର୍ଚ୍ଚ ସଂସ୍ଥା ହିଣ୍ଡେନବର୍ଗ ଆଦାନୀଙ୍କୁ ନେଇ ଯେଉଁ ରିପୋର୍ଟ ପ୍ରକାଶ କରିଛି ଏହାକୁ ନେଇ ସରକାରଙ୍କୁ ଘେରୁଛନ୍ତି ବିରୋଧୀ । ଆଗକୁ ୨୦୨୪ ନିର୍ବାଚନ ତେଣୁ ଆଦାନୀ ସମେତ ବିଭିନ୍ନ ପ୍ରସଙ୍ଗକୁ ଏକାଠି କରି ମୋଦି ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଛନ୍ତି ବିରୋଧୀ ।

## ସଂଧ୍ୟା ସୁଦ୍ଧା ଭୁବନେଶ୍ୱରରେ ସ୍ୱାଭାବିକ ହେବ ତୈଳ ଯୋଗାଣ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଆଜି ସଂଧ୍ୟା ସୁଦ୍ଧା ଭୁବନେଶ୍ୱରରେ ତୈଳ ଯୋଗାଣ ସ୍ୱାଭାବିକ ହେବ ବୋଲଇ ସୂଚନା ଦେଇଛନ୍ତି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସଂପାଦକ ସଂଜୟ ଲାଠ୍। ସେ କହିଛନ୍ତି ଯେ ଡ୍ରାଇଭର ମାନଙ୍କ ଆନ୍ଦୋଳନ ଯୋଗୁଁ ତେଲ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ବର୍ତମାନ ତାହା ସ୍ୱାଭାବିକ ହୋଇଛି। ଜଟଣୀ, ପାରାଦୀପ ଓ ବାଲେଶ୍ୱର ଡିପୋରୁ ତେଲ ଯୋଗାଣ ହୋଇଛି। ତେବେ ଦୈନିକ ୫ଶହ ଗାଡ଼ି ତେଲ ଦରକାର ହୋଇଥିବା ବେଳେ ମାତ୍ର ୧୫୦ ଗାଡ଼ି ଆସୁଛି। ଭୁବନେଶ୍ୱରକୁ ଅଧିକ ତେଲ ପଠାଯାଇଛି। ତେଣୁ ସଂଧ୍ୟା ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବ। ସାରା ରାଜ୍ୟରେ ସ୍ୱାଭାବିକ ହେବାକୁ ୨ ରୁ ୩ ଦିନ ଲାଗିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭୟଭୀତ ହୋଇ ଅଧିକ ତେଲ ନକିଣିବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ଆନ୍ଦୋଳନ ଯୋଗୁଁ ତେଲ ଯୋଗାଣ ବାଧାପ୍ରାପ୍ତ ହେବାରୁ ସାଧାରଣ ଲୋକେ ଭୟଭୀତ ହୋଇ ଅଧିକପରିମାଣର ପେଟ୍ରୋଲ ଡିଜେଲ କିଣିଥିଲେ। ଗତକାଲି ସଂଧ୍ୟାରେ ଗାଡିରେ ପେଟ୍ରୋଲ ଓ ଡିଜେଲ ପକାଇବା ପାଇଁ ପେଟ୍ରୋଲ ପମ୍ପରେ ସାଙ୍ଘାତିକ ଭିଡ ଦେଖିବାକୁ ମିଳିଥିଲା। ଆଜି ସକାଳୁ ମଧ୍ୟ ସମାନ ସ୍ଥିତି ଥିଲା। ଫଳରେ ବହୁ ପେଟ୍ରୋଲ ପମ୍ପରେ ତେଲ ଖାଲି ହୋଇଯାଇଥିଲା। ପେଟ୍ରୋଲ ପମ୍ପ କର୍ମଚାରୀ ଆଉଟ୍ ଅଫ୍ ଷ୍ଟକ୍ ର ବୋର୍ଡ ମାରି ଲୋକଙ୍କୁ ଫେରାଇ ଦେବାର ଦେଖାଯାଇଥିଲା। ତେବେ ତେଲ ଯୋଗାଣ ସ୍ୱାଭାବିକ ହେବା ଖବର ଲୋକଙ୍କୁ ଆଶ୍ୱସ୍ତି ଦେଇଛି।

### ମାର୍ଚ୍ଚ ୨୦ରୁ ଦୁଇ ଦିନିଆ ଋଷିଆ ଗସ୍ତ କରିବେ ଚୀନ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୭/୦୩ : ଯୁଦ୍ଧକୁ ପୂରିଛି ବର୍ଷେ । ଏହା ଭିତରେ ୧୨ ସୂତ୍ରୀ ଶାନ୍ତି ବାର୍ତା ନେଇ ଆସନ୍ତା ସପ୍ତାହରେ ଚୀନ ରାଷ୍ଟ୍ରପତି ସି-ଜିନପିଙ୍ଗ ଋଷିଆ ଗସ୍ତ କରିବେ । ଏନେଇ ଚୀନ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି । ଚୀନ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ହୁଆ ଚୁନୟିଙ୍ଗ କହିଛନ୍ତି କି, ଋଷିଆ ନିମନ୍ତ୍ରଣକୁ ରକ୍ଷା କରି ସି-ଜିନପିଙ୍ଗ ମାର୍ଚ୍ଚ ୨୦ରୁ ୨୨ ଋଷିଆଗସ୍ତ କରିବେ । ଦୁଇ ଦେଶ ମଧରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର କାର୍ଯ୍ୟକ୍ରମ ରହିଛି । ରାଜନୈତିକ, ବ୍ୟାପାର, ସାମାରିକା ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯିବ । ଯୁଦ୍ଧ ରୋକିବକୁ, ସଙ୍କଟ କମ କରିବାକୁ, ଶାନ୍ତି ବଜାୟ ରଖିବାକୁ, ସଂଘର୍ଷ ବିରାମ ପାଇଁ ଚୀନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ । ଚର୍ଚ୍ଚା ହେଉଛି ଯୁଦ୍ଧକୁ ନେଇ ରୁଷ ଓ

▶▶ପୃଷ୍ଠା ୭

## ୨୧ରେ ଓଡିଶା ଗସ୍ତରେ ଆସିବେ ମମତା ବାନାର୍ଜୀ

କୋଲକାତା/ଭୁବନେଶ୍ୱର, ୧୭/୦୩ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସନ୍ତା ୨୧ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସୂଚନା ଅନୁଯାୟୀ, ମମତା ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିବେ। ସେହି ଦିନ ରାତିରେ ସେ ଭୁବନେଶ୍ୱରରେ ରହିବେ। ତା'ପର ଦିନ ସେ ପୁରୀ ଯିବେ। ପୁରୀରେ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଦର୍ଶନ କରିବେ। ତେବେ



ମାର୍ଚ୍ଚ ୨୩ ତାରିଖରେ କୋଲକାତା ଫେରିଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ତୃଣମୂଳ କଂଗ୍ରେସ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସହିତ ମୁକାବିଲା କରିବା ପାଇଁ ମମତା ବାନାର୍ଜୀ ଆଂଚଳିକ ଦଳଗୁଡ଼ିକୁ ନେଇ ମେଣ୍ଟ କରିବାକୁ ଯୋଜନା କରୁଛନ୍ତି। ଏହି ମେଂଟରେ ବିଜେଡିକୁ ସାମିଲ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ ବୋଲି ଜଣାପଡ଼ିଛି।

## ପୁଣି ଲେଉଟିଲାଣି କରୋନା : ଦିନକରେ ପ୍ରାୟ ୮୦୦ ଚିହ୍ନଟ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ୪ ମାସର ବ୍ୟବଧାନ ପରେ ପୁଣି ବଢୁଛି କରୋନା ସଂକ୍ରମଣ । ମାର୍ଚ୍ଚ ଆରମ୍ଭରେ ଦୈନିକ ସଂକ୍ରମଣ ୨୦୦ ଥିବା ବେଳେ ଶୁକ୍ରବାର ଏହା ପ୍ରାୟ ୮୦୦ ଛୁଇଁଛି । ଶୁକ୍ରବାର ଚିହ୍ନଟ ହୋଇଥିବା ୭୯୬ ଜଣ ସଂକ୍ରମିତଙ୍କୁ ମିଶାଇ ଦେଶରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୫ ହଜାର ଅତିକ୍ରମ କରିଯାଇଛି । ୧୦୯ ଦିନ ପରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୫ ହଜାର ପାର କରିଛି । ସଂକ୍ରମଣ ବଢୁଥିବାରୁ



ମହାରାଷ୍ଟ୍ର, ଉତରପ୍ରଦେଶ, ଗୁଜରାଟ ସମେତ ୬ ରାଜ୍ୟକୁ ଚିଠି ଲେଖି ସତର୍କ ରହିବାକୁ ପରାମର୍ଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ଟେଷ୍ଟିଂ, ଟ୍ରାକିଂ, ଟିକା, ଚିକିତ୍ସା ଉପରେ ଗୁରୁତ୍ୱ ଦେବା ସହ ଛୋଟ ସ୍ତରରେ ସଂକ୍ରମଣ ରୋକିବାକୁ ପଦକ୍ଷେପ ନେବାକୁ କହିଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ଇନଫ୍ଲୁଏଞ୍ଜା-ଏ ସବ ଭାରିଆଣ୍ଟ ଏଚ୩ଏନ୨ରେ ସଂକ୍ରମିତ ହୋଇ ଆଉ ଦୁଇ ଜଣ ପ୍ରାଣ ହରାଇଥିବା ଶୁକ୍ରବାର ସୂଚନା ମିଳିଛି । ଫୁସଫୁସ୍ ଜନିତ ରୋଗରେ ପୀଡିତ ଥିବା ଜଣେ ୭୩ ବର୍ଷୀୟ ବୃଦ୍ଧ ଏବଂ ଜଣେ ୬୭ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ମହାରାଷ୍ଟ, ବିହାରରେ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଥିବାରୁ ହସ୍ପିଟାଲ ବେଡ ପ୍ରସ୍ତୁତ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପୁଡୁଚେରୀରେ ସ୍କୁଲ ବନ୍ଦ କରାଯାଇଛି । ବିଭିନ୍ନ ରାଜ୍ୟରେ ଏଚ୩ଏନ୨ ସଂକ୍ରମଣ ବଢୁଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ହଜାରେ ଛୁଇଁଛି । ଏଚ୩ଏନ୨ ସଂକ୍ରମଣରୁ ଦୂରେଇ ରହିବା ପାଇଁ ମାସ୍କ ପିନ୍ଧିବା, ଭିଡ ସ୍ଥାନକୁ ନଯିବା, ହାତ ଧୋଇବା, ସାମାଜିକ ଦୂରତା ବଜାୟୀ ରଖିବାକୁ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ରିଟାୟାର୍ଡ ଅଫିସରମାନଙ୍କର କ୍ଲବରେ ପରିଣତ ହୋଇଛି : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ପୁନର୍ନିଯୁକ୍ତିକୁ ନେଇ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଆଜି ବର୍ଷିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ରିଟାୟାର୍ଡ ଅଫିସର ମାନଙ୍କର କ୍ଲବରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଆଜି ଯେତେବେଳେ ରାଜ୍ୟର ଯୁବକ ମାନେ କାମ ପାଉ ନାହାନ୍ତି ସେଭଳି ସ୍ଥିତିରେ ରାଜ୍ୟ ସରକାର ଅବସରପ୍ରାପ୍ତ ଲୋକଙ୍କୁ କାମରେ ଲଗାଉଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ଅବସରପ୍ରାପ୍ତ ଅଫିସରଙ୍କୁ ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି ଯେ ଅସିତ ତ୍ରିପାଠୀ, ବାଲ କ୍ରିଷ୍ଣନ, ଉପେନ୍ଦ୍ର ତ୍ରିପାଠୀ, ପି କେ ମହାପାତ୍ର ଓ ଗୋପବନ୍ଧୁ ଦାସ ପରି ଅଧିକାରୀ ମାନଙ୍କୁ ଅବସର ପରେ ଏମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ତାଙ୍କୁ ପୁନଃ ନିଯୁକ୍ତି କରାଯାଇଛି । ଏପରିକି ମନୋଜ ମିଶ୍ର ଇସ୍ତଫା ଦେଲା ପରେ ମଧ ତାଙ୍କୁ ବି ସରକାରରେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରିଟାୟାର୍ଡ ଅଫିସରଙ୍କ କ୍ଲବ ପାଲଟିଛି । ଏଇଟା କଣ ମୋ ସରକାର, ଏଇଟା କଣ ଫାଇଭ ଟି, ଏଇଟା କଣ ଏକ ବିଚାର ଧାରା ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ନିଯୁକ୍ତି ମିଳୁ ନଥିବା ବେଳେ ଅବସରର ଅଫିସର ମାନଙ୍କୁ ଥଇଥାନ କରାଯାଉଛି । ଗୃହରେ ଏ ନେଇ ସରକାରଙ୍କ ବକ୍ତବ୍ୟ ରଖନ୍ତୁ ବୋଲି ସେ ଦାବି କରିଛନ୍ତି ।

# ପୁରୀରେ ଗରିବ ଲୋକଙ୍କୁ ଶୋଷଣ କରୁଛି ସରକାର: ଆପ୍

ପୁରୀ, ୧୭/୦୩ (ନି.ପ୍ର): ପୁରୀରେ ଗରିବ ଲୋକଙ୍କୁ ଶୋଷଣ କରୁଛି ସରକାର । ବେସରକାରୀ କମ୍ପାନୀକୁ ଆଗରେ ରଖି ଖରାଦିନେ ବିଜୁଳି କାଟ କରି ବିଜେଡି ସରକାର ଲୋକଙ୍କୁ ନାହିଁ ନଥିବା ହଇରାଣ କରୁଛନ୍ତି । ଆମ୍ ଆଦମୀ ପାର୍ଟି (ଆପ୍) ତରଫରୁ କିଛି ମାସ ପୂର୍ବରୁ ପୁରୀରେ ଲଗାତାର ଆନ୍ଦୋଳନ ହୋଇଥିଲା । ଅତି କମ୍ ରେ ୨୦୦ ୟୁନିଟ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ଦାବି କରି ଆସୁଛି ଆପ୍ କିନ୍ତୁ ସରକାର କୌଣସି ପ୍ରକାର ପଦକ୍ଷେପ ନେଉନଥିବା ବେଳେ ବାକିଥିବା ବିଜୁଳି ବିଲ୍ ଆଳରେ ପୁରୀ ସହରରେ ଅସହାୟ ଲୋକଙ୍କ ବିଜୁଳି କାଟ କରୁଛନ୍ତି । ବାରମ୍ବାର ବିଜୁଳି ଦର ବଢିବାରୁ ଲୋକମାନେ ବର୍ଦ୍ଧିତ ଦର ଦେବାରେ ସକ୍ଷମ ହେଉନାହାନ୍ତି । ପୁରୀର ବିଜୁଳି ସମସ୍ୟା ବିଷୟରେ ବାରମ୍ବାର ଅଭିଯୋଗ ଆମ୍ ଆଦମୀ ପାର୍ଟିକୁ ଆସୁଛି । ଏହିଭଳି ଏକ ଅଭିଯୋଗ ୯ନମ୍ବର ୱାର୍ଡରୁ ମୀନା ଦେଇଙ୍କର ଆସିଥିଲା । କରୋନା ଏବଂ ଘରେ କେହି ପୁରୁଷ ରୋଜଗାରିଆ ମଣିଷ ନଥିବା ଯୋଗୁ ବିଜୁଳି ବିଲ ଦେବାରେ ସେ ସକ୍ଷମ ନଥିଲେ । ଅଧିକ ବିଲ ଯୋଗୁ କିଛି କିଛି ମାସକୁ ବିଲ ଦେଉଥିଲେ ମଧ୍ୟ ତାଙ୍କର ବିଜୁଳି କାଟ କରିଦିଆଯାଇଛି । ଆମ୍ ଆଦମୀ ପାର୍ଟି ବିଜୁଳି ଆମ ଅଧିକାର କ୍ୟାମ୍ପେନ୍ ମାଧ୍ୟମରେ ସେହି ଅସହାୟ ପରିବାରର ବିଜୁଳି ପୁରୀ ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ଆପ୍ ଦ୍ୱାରା ସଂଯୋଗ କରାଯାଇଛି । ଆଜି ଆମ୍ ଆଦମୀ ପାର୍ଟି ଆହ୍ୱାନ କରୁଛି ପୁରୀ ଜିଲ୍ଲାବାସୀଙ୍କୁ ଯଦି କୌଣସି ଅସହାୟ ଲୋକଙ୍କ ବିଜୁଳି କାଟ କରାଯାଉଛି ସେଠି ବିରୋଧ କରାଯାଉ ଏବଂ ଆମ୍ ଆଦମୀ ପାର୍ଟି ର ହସ୍ତକ୍ଷେପ ହେଲେ ଆମେ ସେ ଘରର ବିଜୁଳି ସଂଯୋଗ କରିବୁ । ଆଜି ଠୁ ପୁରୀରେ ବିଜୁଳି ଆମ ଅଧିକାର କ୍ୟାମ୍ପେନ୍ ଆରମ୍ଭ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି, ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି, ପୁରୀ ପୌରପାଳିକା ଅଧ୍ୟକ୍ଷ ରାକେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଣୀପୁର ଝରିଆଲ ଯୋଗିନୀ ପୀଠର ବିକାଶ ପାଇଁ ୪ କୋଟି ଅନୁମୋଦନ କଲେ ରାଜ୍ୟ ସରକାର

ବଲାଙ୍ଗିର, ୧୭/୦୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ତଥା ଓଡିଶା ମାଟିର ସର୍ବ ପୁରାତନ ଅନନ୍ୟ ଐତିହ୍ୟ ସମ୍ପନ୍ନ ରାଣୀପୁର ଝରିଆଲ ଆଦୀଯୋଗିନି ତନ୍ତ୍ରପୀଠ ଉପରେ ବିଳମ୍ବରେ ହେଲେହେଁ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡିଛି । ସମଗ୍ର ପୃଥିବୀରେ ୬୪ ଯୋଗିନୀ ପୀଠ ଚାରୋଟି ସ୍ଥାନରେ ଥିବାବେଳେ ଓଡିଶାରେ ଦୁଇଟି । କିନ୍ତୁ, ରାଣୀପୁର ଝରିଆଲ ଏ ମଧ୍ୟରେ ଅନ୍ୟତମ । ଲୋକେ ଏହି ପିଠକୁ ସୋମପୁରୀ ବୌଦ୍ଧବିହାର ବି କହନ୍ତି । ଷଷ୍ଠରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶୀମାନଙ୍କ ଦ୍ୱାରା ନିର୍ମିତ ଏହି ପିଠ ତନ୍ତ୍ର, ମନ୍ତ୍ର, ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ଜୈନ ଓ ବୌଦ୍ଧ ଧର୍ମର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ହେଲେ ଶତାବ୍ଦୀ ଶତାବ୍ଦୀ ଧରି ଏ ମାଟିର ଐତିହ୍ୟ ଗର୍ବ ଓ ଗୌରବର ବାନା ଉଡାଉଥିବା ପୀଠକୁ ବଂଚାଇ ରଖିବାକୁ ଅଂଚଳବାସୀ ଓ ମନ୍ଦିର କମିଟି ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ଠାରେ ବାରମ୍ବାର ଅନୁରୋଧ କରି ଆସୁଥିଲେ । ଏହାକୁ ନଜରରେ ରଖି କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ବିଧାନସଭାରେ ବାରମ୍ବାର ରାଣୀପୁର ଝରିଆଲର ବିକାଶ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ରାଜ୍ୟ ସରକାର ଓଡିଶା ଟୁରିଜିମ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡକୁ ଚଳିତବର୍ଷ ଫେବୃଆରୀ ୨୪ ତାରିଖ ଚିଠି ନମ୍ବର ୧୯୮୭ ଆଦେଶ ପତ୍ର ଅନୁଯାୟୀ ରାଣୀପୁର ଝରିଆଲର ଇନଫାଷ୍ଟ୍ରକଚର ଡେଭଲପମେଂଟ ପାଇଁ ୪ କୋଟି ଟଙ୍କାର ଏଡମିନିଷ୍ଟ୍ରେଟିଭ ଏପ୍ରୁଭାଲ ହୋଇଥିବା ଓ ଏହି ଚାରି କୋଟି ଟଙ୍କାରେ ଏଂଟ୍ରାନ୍ସ ଗେଟ୍, ରାସ୍ତା, ପାର୍କିଙ୍ଗ ଏରିଆ, ମଲ୍ଟି ପ୍ରପୋଜ ବିଲ୍ଡିଂ, ଟଏଲେଟ ବ୍ଲକ, ସୋମେଶ୍ୱର ମନ୍ଦିରକୁ ରାସ୍ତା, ପଦ୍ମ ପୋଖରୀରେ ବନ୍ଧ ନିର୍ମାଣ ଭଳି ଅନେକ ଉନ୍ନୟନ କାମ ହେବାପାଇଁ ସ୍ଥିର ହୋଇଥିବା ଜଣାପଡିବା ପରେ ଏ ବିଷୟରେ ବଲାଙ୍ଗୀର ଟୁରିଷ୍ଟ ଅଫିସର ରବୀନ୍ଦ୍ର କୁମାର ଦଳାଇଙ୍କୁ ପଚାରିବାରୁ ସେ ଏହା ବଜେଟରେ ଟଙ୍କା ଏଲଟମେଂଟ କରାଗଲା ଏ ବିଷୟରେ ମୁଁ ଜିଲ୍ଲାପାଳଙ୍କ ସହ ବି ଆଲୋଚନା କରୁଥିଲି, କାମ ଆରମ୍ଭ ହେବାପାଇଁ କିଛି ସମୟ ଲାଗିପାରେ କାହିଁକି ନା ଏଏସଆଇକୁ କାମ କରିବା ପାଇଁ ସହମତି ମଗାଯିବ ଏବଂ ଆଉ କିଛି କାଗଜପତ୍ର କାମ ମଧ୍ୟ ରହିଛି କିନ୍ତୁ କାମ ହେବ ବୋଲି କହିଥିଲେ । ହେଲେ ଏପଟେ ଏତେଦିନ ପରେ ଯୋଗିନୀ ପୀଠର ବିକାଶ ପାଇଁ ସରକାର ଆଗକୁ ଆସିଥିବାରୁ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । ଏବଂ ବିଭିନ୍ନ ସୋସିଆଲ ମିଡିଆରେ କଂଟାବାଞ୍ଜି ବିଧାୟକ ସାଲୁଜା ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଥିବା ଦେଖିବାକୁ ମିଳିଛି । ମନ୍ଦିର କମିଟି ମଧ୍ୟ ଧନ୍ୟବାଦ ଜଣାଇଛି ।

ପ୍ରକାଶ ଥାଉକି, ବଲାଙ୍ଗୀର ଜିଲ୍ଲାର ଭୀମ ଡୁଙ୍ଗରୀକୁ ୬ କୋଟି ୬୬ ଲକ୍ଷ ଓ ରାଣୀପୁର ଝରିଆଲକୁ ୪ କୋଟି ଟଙ୍କା ଅନୁମୋଦନ ହୋଇଛି ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଜୟପୁର, ୧୭/୦୩ (ନି.ପ୍ର): ଟି.ପି. ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡ ଆନୁକୂଲ୍ୟରେ ୫୨ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପନ କାର୍ଯ୍ୟକ୍ରମ ଜୟପୁର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୩ମାର୍ଚ୍ଚ ରୁ ୧୬ମାର୍ଚ୍ଚ ପର୍ଯ୍ୟନ୍ତ ଜୟପୁର ମଣ୍ଡଳର ପ୍ରତ୍ୟେକ ବିଦ୍ୟୁତ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ୫୨ତମ ଜାତୀୟ ସୁରକ୍ଷା ସପ୍ତାହର ବିଷୟ ବସ୍ତୁ ଥିଲା ଆମର ଲକ୍ଷ୍ୟ- ଶୂନ୍ୟ କ୍ଷତି । ଏହି କାର୍ଯ୍ୟକ୍ରମରେ ଜୟପୁର ବିଦ୍ୟୁତ ମଣ୍ଡଳର ଡିଜିଏମ୍ ଶ୍ରୀ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ଓ ଜି.ଆର. ଏଫ. ର ଅଧକ୍ଷ ଟି . ତପନ ରଶ୍ମି ଶୁବୁଦ୍ଧି ଉପସ୍ଥିତ ରହି ବିଭିନ୍ନ ସୁରକ୍ଷା ସମ୍ବନ୍ଧିତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତି ଯୋଗି ଓ ସଦା ସର୍ବଦା ସୁରକ୍ଷିତ ଓ ଗୁଣାତ୍ମକ କାର୍ଯ୍ୟ କରୁଥିବା ବିଦ୍ୟୁତ କର୍ମଚାରୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମଟି ସୁରକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା ତାଙ୍କୁ ସହଯୋଗ କରିଥିଲେ ରାହୁଲ ସତପଥୀ ଓ ସନ୍ତୋଷ କୁମାର ମହାନ୍ତି ।

# ରାଧାମୋହନ ଜୀଉ କୀର୍ତ୍ତନ ମଣ୍ଡଳୀର ନୂତନ ବିମାନ ପୂଜା

ହରିଚନ୍ଦନପୁର, ୧୭/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସ୍ଥିତ ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀର ନୂତନ ନିର୍ମିତ ବୃହତ୍ ବିମାନର ପୂଜା ହୋଇଯାଇଛି । ଖବର ମୁତାବକ, ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀର ଦୀର୍ଘ ବର୍ଷ ଧରି କଳାଶିଶୁ କାଠରେ ନିର୍ମିତ ବିମାନରେ ଠାକୁର ନଗର ବୁଲୁଥିଲେ । ଏଥିସହ ଏହି ବିମାନ ଯୋଗେ ପିଟାପିଟି, ଭଉଁରପୁର, ବଡ ପଳାଶପାଳ, ଘଟଗାଁ, ମନୋହରପୁର ଭଳି ବିଭିନ୍ନ ମେଳଣ ମହୋତ୍ସବରେ ଯୋଗ ଦେଉଥିଲେ ରାଧାମୋହନ ଜୀଉ । ଚଳିତ ବର୍ଷ କୀର୍ତନ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ଚେଷ୍ଟା ଓ ପରିଶ୍ରମରେ ନୂତନ ଭାବେ ବୃହତ୍ ବିମାନ ନିର୍ମାଣ କରାଯାଇଛି । ଆସନ୍ତା ୧୮ ତାରିଖ ଶନିବାର ହରିଚନ୍ଦନପୁର ଠାରେ ମେଳଣ ଉତ୍ସବରେ ଏହି ନୂତନ ନିର୍ମିତ ବିମାନରେ ରାଧାମୋହନ ନଗର ପରିକ୍ରମାରେ ବାହାରି ମେଳଣ ମଣ୍ଡପକୁ ଯିବାର ଯୋଜନା ପ୍ରସ୍ତୁତ ହୋଇଛି । ପୂର୍ବରୁ ଏ ଆଖପାଖ ଅଂଚଳରେ ଏହିଭଳି ବୃହତ୍ ବିମାନ ନଥିବା ବେଳେ ପ୍ରଥମେ ହିଁ ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀ ନିର୍ମାଣ କରିଛି । ଏହି ନୂତନ ନିର୍ମିତ ବୃହତ୍ ବିମାନକୁ ଦେଖିବା ପାଇଁ ଆଖପାଖ ଅଂଚଳର ଲୋକଙ୍କ ଭିଡ଼ ଜମିଛି । ସାଧାରଣତଃ ସ୍ଥାନୀୟ ଅଂଚଳର ଲୋକମାନେ ଏହି ବିମାନ ଦେଖି କୀର୍ତନ ମଣ୍ଡଳୀର ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି । ଏହି ବିମାନଟି ଗମ୍ଭାରୀ କାଠରେ ନିର୍ମିତ ହୋଇଥିବା ବେଳେ ଏହାକୁ ବୋହିବା ପାଇଁ ପ୍ରାୟ ୧୮ଜଣରୁ ଅଧିକ ଲୋକ ଦରକାର ପଡ଼ିବେ ବୋଲି କୀର୍ତନ ମଣ୍ଡଳୀ ପକ୍ଷରୁ ସୂଚନା ରହିଛି । ଏହି ବିମାନ ପୂଜା ଉତ୍ସବରେ କୀର୍ତନ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ବାସିନ୍ଦା ଉପସ୍ଥିତ ଥିଲେ ।

# ୧୯ରେ ଗୋପାଳପୁର ମିଲିଟାରୀ ଷ୍ଟେସନ୍‌ଠାରେ ଅବସରପ୍ରାପ୍ତ ମିଲିଟାରୀ ସେବାୟତଙ୍କ ରାଲି

ଗଞ୍ଜାମ, ୧୭/୦୩ (ନି.ପ୍ର): ଗୋପାଳପୁର ମିଲିଟାରୀ ଷ୍ଟେସନ୍ ଠାରେ ଅବସରପ୍ରାପ୍ତ ମିଲିଟାରୀ ସେବାୟତ (ଏକ୍ସ ଆର୍ମି) ମାନଙ୍କ ନିମନ୍ତେ ଏକ ରାଲି ଚଳିତ ମାସ ୧୯ ତାରିଖ ଦିନ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଆର୍ମି ଶିକ୍ଷା କେନ୍ଦ୍ରରେ ରହୁଥିବା ଭେଟେରାନ୍ସ, ବୀରନାରୀ ତଥା ବୀର ମାତାଙ୍କ ଆତ୍ମ ବିଶ୍ୱାସ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଲିରେ ଦେଶ ସୁରକ୍ଷା ଦିଗରେ କାର୍ଯ୍ୟରତ ବୀର ମାନଙ୍କର ଏବଂ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀରଙ୍କ ପରିବାର ବର୍ଗଙ୍କ ନାନାବିଧ ସମସ୍ୟା ସମ୍ପର୍କରେ ଜନଶୁଣାଣୀ ହେବ । ଏହି ରାଲି ମାଧ୍ୟମରେ ସେନାରୁ ଅବସରକାଳୀନ ସୁବିଧା ସକାଶେ ତଥ୍ୟ ଗୁଡିକର ସଠିକ୍ ପଞ୍ଜିକରଣ ଏବଂ ସେଗୁଡିକର ଫଇସଲା ତ୍ୱରାନ୍ୱିତ କରାଯିବ । ବିଭିନ୍ନ ତଥ୍ୟ ଗୁଡିକ ଲିପିବଦ୍ଧ କରିବା ସକାଶେ ନିୟୋଜିତ ଥିବା ଆହ୍ଲାବାଦ ରାଜ୍ୟ ସରକାରଙ୍କ ପ୍ରତିରକ୍ଷା ଅଭିଲେଖାଗାରର ପ୍ରିନ୍ସପାଲ କଂଟ୍ରୋଲର ( ପେନସନ୍) ଏବଂ ବ୍ୟାଙ୍କ ଅଧିକାରୀଗଣ ଉପସ୍ଥିତ ରହି ଅବସରପ୍ରାପ୍ତ ପରିବାର ବର୍ଗଙ୍କ ଓ ଶହୀଦ୍ ବୀରଙ୍କ ଉତ୍ତରାଧିକାରୀ ମାନଙ୍କ ଆପତି ଅଭିଯୋଗ ଗୁଡିକର ଶୁଣାଣୀ କରିବେ । ଏହି ରାଲିଟିରେ ଅବସରପ୍ରାପ୍ତ ସେବାୟତଙ୍କ ଅବଦାନ ହେତୁ ସେମାନଙ୍କ ସ୍ୱାସ୍ଥ୍ୟଗତ ଚିକିତ୍ସା ପ୍ରଦାନ କରିବା ନିମନ୍ତେ ଗୋପାଳପୁର ମିଲିଟାରୀ ଅଧିନରେ ସାମରୀକ ଡାକ୍ତରଖାନା କ୍ୟାମ୍ପ ମଧ୍ୟ ପ୍ରତିଷ୍ଠା କରାଯିବ । ଏହି ସମାବେଶରେ ଦେଶ, ସମାଜ ତଥା ସଶସ୍ତ୍ର ବାହିନୀଙ୍କୁ ଏକ ନିରପେକ୍ଷ ଏବଂ ନିଃସ୍ୱାର୍ଥପର ସେବା ପାଇଁ ସମସ୍ତ ଭେଟେରାନ୍ସ, ବୀରନାରୀ ତଥା ବୀର ମାତାଙ୍କ, ବରିଷ୍ଠ ଭେଟେରାନ୍ ଏବଂ ଅବସରପ୍ରାପ୍ତ ସେବାୟତ ମାନଙ୍କ ସେବା ପ୍ରଦାନକୁ ପ୍ରୋତ୍ସାହନ ସ୍ୱରୂପ କୃତଜ୍ଞତା ଜ୍ଞାପନ କରିବାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ । ସେମାନଙ୍କ କାର୍ଯ୍ୟ ଶୈଳୀ ମଧ୍ୟରେ ଦେଖା ଦେଉଥିବା ଦୈନନ୍ଦିନ ସମସ୍ୟାର ସମାଧାନ ଦିଗରେ ଅନେକ ସହଯୋଗ ହୋଇପାରିବ । ସେମାନଙ୍କ ପରିବାର ବର୍ଗ ମଧ୍ୟ ନିଜ ଆତ୍ମିୟଙ୍କୁ ହରାଇ ଅନେକ ସମସ୍ୟାରେ ଦିନ ବିତାଉଛନ୍ତି । ଏହି ରାଲିଟିର ସେମାନେ ସେମାନଙ୍କର ଆପତି ଅଭିଯୋଗ ଗୁଡିକର ଫଇସଲା କରିବା ଦିଗରେ ମତ ଉପସ୍ଥାପନ କରିବାର ସୁଯୋଗ ପାଇବେ ।

ଏହି ଅବସରରେ ଅବସର ସେନାଙ୍କ ଉପଯୋଗୀ ନିମନ୍ତେ ରିଷ୍ତେ ନାମକ ଏକ ପୁସ୍ତକ ଅନାବରଣ ହେବାର କାର୍ଯ୍ୟକ୍ରମ ରହିଛି । ସେନା ବିହିନୀର କାର୍ଯ୍ୟରତ ଅବସରମାନଙ୍କ ସମସ୍ୟା ସମାଧାନ ନିମନ୍ତେ କିମ୍ବା ଉତରାଧିକାରୀ ଏହି ରାଲିଟିରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ସେବା ଗ୍ରହଣ କରିବାକୁ ମିଲିଟାରୀ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି ।

# ଫୁଲବାଣୀ ପୌର ପରିଷଦ ପକ୍ଷରୁ ରକ୍ତଦାନ ଶିବିର ୪୯ ୟୁନିଟ୍ ରକ୍ତ ସଂଗ୍ରହିତ

କନ୍ଧମାଳ, ୧୭/୦୩ (ନି.ପ୍ର): ଫୁଲବାଣୀ ପୌରପରିଷଦ ଓ କନ୍ଧମାଳ ଜିଲ୍ଲା ରେଡକ୍ରସ୍ ସମିତିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରକୁ ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ପୌର ଉପାଧକ୍ଷା ଶ୍ରୀମତୀ ପାୟଲ ବେହେରା, ପୌରନିର୍ବାହୀ ଅଧିକାରୀ ବଳଦେବ ବେହେରା, ଜିଲ୍ଲା ଆପାତତଃ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ଦିନମଣି ନାୟକ, ବରିଷ୍ଠ ରକ୍ତଦାତା ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା, ଟିମ୍ ହ୍ୟୁମାନିଟିର ଆବାହକ ଭି. ଲୋକନାଥ ରାଜୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ରେ ଫୁଲବାଣୀ ପୌରପରିଷଦ ର କାଉନସିଲର ରାଜେନ୍ଦ୍ର କୁମାର ପାଢ଼ୀ, ଟୁକୁନି ସେଠୀ, ମାଧବୀ ମିଶ୍ର, ବାବୁଜାନ, ଶ୍ରୀବତ୍ସ ବେହେରା, ବିକ୍ରମ ବେହେରା ଏବଂ ଅନ୍ୟାମାନେ ଯୋଗଦେଇ ଶିବିରରେ ନିଜେ ରକ୍ତଦାନ କରିବା ସହ ସହାୟତା କରିଥିଲେ । ଶିବିରରକୁ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଜୟଦିପ ଘୋଷ ପରିଚାଳନା କରିଥିଲେ । ରକ୍ତଭଣ୍ଡାରର ଟେକ୍ନିସିଆନ ପ୍ରଶାନ୍ତ କୁମାର ରତ୍ନାଲୁ, ଅର୍ଚ୍ଚନା ପ୍ରଧାନ ଓ ବରୁଣ ବେହେରା ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରରେ ଫୁଲବାଣୀ ଆଇଟିଆଇ ଛାତ୍ର, ଉପଜିଲ୍ଲାପାଳ, ତହସିଲଦାର ଓ ପୌରପରିଷଦ ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଏଥିରେ ମୋଟ ୪୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ବିଦ୍ୟୁତ୍ ବିତରଣରେ ତ୍ରୁଟି: ପ୍ରତିବାଦରେ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର, ୧୭/୦୩ (ନି.ପ୍ର): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଟିପିଡବ୍ଲ୍ୟୁଓଡିଏଲ ଉପଭୋକ୍ତାଙ୍କୁ ଶୋଷଣ ଓ ମନମୁଖି କାର୍ଯ୍ୟରେ ସାଧାରଣ ଜନତା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରିକି ବକେୟା ଦେୟ ଆଦାୟ ଆଳରେ ଜୁଲୁମ୍, ତ୍ରୁଟିପୂର୍ଣ୍ଣ ବିଲିଂ, ବିନା ନୋଟିସରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ, ବିଲ୍ ଆଦାୟ ସମୟରେ ଗୁଣ୍ଡାଗର୍ଦ୍ଦି କରି ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର, ତୃଟିପୂର୍ଣ୍ଣ ବିଲ୍ ସଂଶୋଧନ ପାଇଁ ଆବେଦନ ବା ଅଭିଯୋଗ କଲେ କୌଣସି ଶୁଣାଣି ହେଉନଥିବାରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏଭଳି ବ୍ୟତିକ୍ରମକୁ ତୁରନ୍ତ ସମାଧାନ ଦାବିରେ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଆଜି ଟିପିଡବ୍ଲ୍ୟୁଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀଙ୍କ କର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ଅବସରରେ ବିଜେପି ଆନ୍ଦୋଳନକାରୀଙ୍କ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଇଂ. ସଂଜିତ୍ ନୟକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଏହାର ତୁରନ୍ତ ସମାଧାନ ଦାବି କରି ଯାଇଥିଲା । ଏତଦ୍ ବ୍ୟତୀତ ଉପଭୋକ୍ତାଙ୍କ ଉପରେ ବକେୟା ଥିବା ଓ୍ୱେଷ୍ଟୋ ସମୟର ବିଲ୍ ଛାଡ଼, ବକେୟା ଆଦାୟ ସମୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଉପଭୋକ୍ତାଙ୍କୁ କିସ୍ତିର ସୁବିଧା, ବକେୟା ବିଲ୍ ଆଦାୟ ପାଇଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରିବା, ଟିପିଡବ୍ଲ୍ୟୁଓଡିଏଲ୍ରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି, ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଆଦି ବିଭିନ୍ନ ଦାବି କରିଛି ବିଜେପି । ସେହିପରି ସମସ୍ତ ଅଞ୍ଚଳର ବରିଷ୍ଠ ଓ ସଚେତନ ନାଗରିକ, ସକ୍ରିୟ ସାମାଜିକ, ରାଜନୈତିକ କାର୍ଯ୍ୟକର୍ତ୍ତା ତଥା ବୁଦ୍ଧିଜୀବୀଙ୍କୁ ନେଇ ସ୍ଥାନୀୟ ବୈଠକରେ ଆଲୋଚନା କରି ବିଲ୍ ଆଦାୟ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଯଦ୍ୱାରା ବିନା କୌଣସି ଗଣ୍ଡଗୋଳ ବା ପ୍ରତିରୋଧରେ ସୁଚାରୁରୂପେ ବିଦ୍ୟୁତ୍ ବିଲ୍ ଆଦାୟ ହୋଇ ପାରିବ ବୋଲି ଜିଲ୍ଲା ବିଜେପି ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି । ଏଥିରେ ବିଜେପିର ବିଭିନ୍ନ ଜିଲ୍ଲାସ୍ତରୀୟ ମୋର୍ଚ୍ଚାର ସଭାପତିଗଣ, ଜିଲ୍ଲା ପଦାଧିକାରୀଗଣ, ମୋର୍ଚ୍ଚା ପଦାଧିକାରୀମାନେ, ସମ୍ବଲପୁର ମହାନଗରନିଗମ ଅଞ୍ଚଳର ମଣ୍ଡଳ ସଭାପତିମାନେ, ଅନେକ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ । ଉପରୋକ୍ତ ଦାବି ଓ ପ୍ରସ୍ତାବକୁ ଗ୍ରହଣ କରି ଅଧିକ୍ଷଅଣ ଯନ୍ତ୍ରୀ ଇଂ. ନାୟକ ଏନେଇ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରି ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ତଥା ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଆମ ପ୍ରତିନିଧିଙ୍କୁ ସୁଚନା ଦେଇଛନ୍ତି ।

# ୧୪ ହାତୀ କରିଡର ପାଇଁ ବିଜ୍ଞପ୍ତି ପ୍ରସଙ୍ଗ: ପିସିସିଏଫ୍ ଓ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ କାରଣ ଦର୍ଶାଅ ନୋଟିସ୍



କଟକ , ୧୭/୦୩ (ନି.ପ୍ର): ହାତୀ କରିଡର ପ୍ରସଂଗରେ ୨୦୨୧ ଅଗଷ୍ଟ ୧୭ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରି ନଥିବାରୁ ଜାତୀୟ ଗ୍ରିନ୍ ଟ୍ରିବୁନାଲ (ଏନଜିଟି) ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦୁଇ ମାସ ଭିତରେ ନିର୍ଦ୍ଦେଶ କାର୍ଯ୍ୟକାରୀ କରି ରିପୋର୍ଟ ଦାଖଲ କରାଯିବା ପାଇଁ କୁହାଯାଇଥିଲା । କିନ୍ତୁ ଇତିମଧ୍ୟରେ ୨୦୨୩ ମାର୍ଚ୍ଚ ମାସ ହୋଇ ସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ନିର୍ଦ୍ଦେଶ କାର୍ଯ୍ୟକାରୀ ରିପୋର୍ଟ ଦାଖଲ କରି ନାହାନ୍ତି । ଏହା ପରିତାପର ବିଷୟ ବୋଲି ଏନଜିଟି କହିବା ସହିତ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଓ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ ନୋଟିସ୍ ଜାରି କରି ବ୍ୟକ୍ତିଗତ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଜାତୀୟ ଗ୍ରିନ ଟ୍ରିବୁନାଲ ଆଇନ, ୨୦୧୦ର ଧାରା ୨୬ ଅନୁସାରେ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ କାରଣ ଦର୍ଶାଇବାକୁ (ପିସିସିଏଫ) ଓ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ୱାଇଲ୍ଡ ଲାଇଫ ସୋସାଇଟି ଅଫ୍ ଇଣ୍ଡିଆ ଆବେଦନର ଶୁଣାଣି କରି ଏନଜିଟି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଦିବସ ପାଳନ

ଝାରସୁଗୁଡ଼ା, ୧୭/୦୩ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶ୍ୱ ଉପଭୋକ୍ତା ଦିବସ ୨୦୨୩ ପାଳନ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖାଉଟି ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଯେ କୌଣସି ସାମଗ୍ରୀ କ୍ରୟ ସମୟରେ ଖାଉଟି ମୂଲ୍ୟ ଓ ଗୁଣବତା ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ବୈଧ, ମାପ ବିଜ୍ଞାନ ଉପନିୟନ୍ତ୍ରକ ଅଖିଳ ଚନ୍ଦ୍ର ପ୍ରଧାନ ଓ ସହକାରୀ ଯୋଗାଣ ଅଧିକାରୀ ସଂତୋଷିନୀ ପଣ୍ଡା ଖାଉଟିର ନିରାପତା ଅଧିକାର, ଜାଣିବାର ଅଧିକାର, ପସନ୍ଦ କରିବାର ଅଧିକାର, ପ୍ରତିବାଦ କରିବାର ଅଧିକାର ଓ ସୁସ୍ଥ ପରିବେଶ ଅଧିକାର ଆଦି ଉପଭୋକ୍ତାର ବିଭିନ୍ନ ଅଧିକାର ସମ୍ପର୍କରେ ଆଲୋଚନା କରି ଖାଉଟି ନିଜ ଅଧିକାରରୁ ବଂଚିତ ହେଲେ କିପରି ଜିଲ୍ଲା ସ୍ତରରେ ଜିଲ୍ଲା ଖାଉଟି ଅଭିଯୋଗ ସମାଧାନ ମଂଚ, ରାଜ୍ୟ ସ୍ତରରେ ରାଜ୍ୟ ଖାଉଟି ଅଭିଯୋଗ ସମାଧାନ ଆୟୋଗ କିମ୍ବା ଜାତୀୟ ସ୍ତରରେ ଜାତୀୟ ଖାଉଟି ଅଭିଯୋଗ ସମାଧାନ ଆୟୋଗରେ ଅଭିଯୋଗ ଦାଖଲ କରିପାରିବେ ସେ ନେଇ ସୂଚନା ଦେଇଥିଲେ । ଜିଲ୍ଲା ଯୋଗାଣ ନିରୀକ୍ଷକ ନିହାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରଜରାଜନଗର ଯୋଗାଣ ନିରୀକ୍ଷକ ଦୀପ୍ତିଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସୁଧା ଯୋଜନା ଦିଗହରା : ପାନୀୟ ଜଳଯୋଗାଣ ପ୍ରହସନରେ ପରିଣତ

ସାଲେପୁର, ୧୭/୦୩ (ନି.ପ୍ର): ସରକାରଙ୍କର ନଳଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ପ୍ରହସନରେ ପରିଣତ ହୋଇଛି । ଲୋକମାନଙ୍କ ଘରେ ଘରେ ପିଇବା ପାଣି ପହଂଚାଇବା ପାଇଁ ପ୍ରଥମେ ପଂଚାୟତ ମାଧ୍ୟମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଏହି ପ୍ରକଳ୍ପ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହି ବ୍ଲକର ଅନେକ ପଂଚାୟତରେ ଏଗୁଡିକ ମାତ୍ର ୨/୩ମାସ ଚାଲିବା ପରେ ସବୁଗୁଡିକ ଅଚଳ ହୋଇ ପଡିଥିଲା । ଏହି ପ୍ରକଳ୍ପ ଗୁଡିକୁ ଅଧିକ ଉନ୍ନତ ମାନର କରିବା ପାଇଁ ସରକାରଙ୍କ ପକ୍ଷରୁ ୨୦୨୦ ମସିହାରେ ବସୁଧା ଯୋଜନା ପ୍ରଣୟନ କରାଯାଇଥିଲା । ଏହି ଯୋଜନାରେ ନଳ ଯୋଗେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଦୂରତାରେ ପାଣି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । ୨୦୨୨ ମସିହା ମଧ୍ୟରେ ଘରେ ଘରେ ପାନୀୟ ଜଳ ପହଂଚାଇବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତି ନିଆଯାଇ ଦ୍ରୁତ ଗତିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଗ୍ରାମ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗ ଏହି ପ୍ରକଳ୍ପ ଗୁଡିକ ନିର୍ମାଣର ତଦାରଖ ଦାୟିତ୍ୱରେ ରହିଥିଲା । ଗୋଟିଏ ଗୋଟିଏ ପ୍ରକଳ୍ପରେ ୮୦ ଲକ୍ଷରୁ କୋଟିଏ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରାଯାଇ ଏହି ବ୍ଲକର ଅନେକ ପଂଚାୟତରେ ବହୁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ହେଲେ ବର୍ତ୍ତମାନ ସୁଧା ଏହି ବ୍ଲକରେ କୌଣସି ଗୋଟିଏ ହେଲେ ପ୍ରକଳ୍ପ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଜଣାଯାଇଛି । ବିଶେଷ କରି ନତକାଇ, ଜିଗ୍ନିପୁର, ରାମକୃଷ୍ଣପୁର, ବରାଦୋ, ଜୟରାମପୁର, ଫଗୋଳ, ବୁହାଳ, ସରପଡା, କଟିକଟା, ସୁକରପଡା, କେନ୍ଦୁପାଟଣା, କୋଲଣପୁର, ବାଲିଆପଦା, କଟରପଡା, ଅସୁରେଶ୍ୱର ଆଦି ବହୁ ପଂଚାୟତରେ ବସୁଧା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା ବେଳେ କେତେକ ପଂଚାୟତରେ ଅଧା ହୋଇ ନିର୍ମାଣ କାର୍ଯ୍ୟ ଚାଲୁ ମଧ୍ୟ ରହିଛି । ସରକାର ବସୁଧା ଯୋଜନା କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ଘରେ ଅଦ୍ୟାବଧି ପାନୀୟ ଜଳ ପହଞ୍ଚୁପାରିନଥିବା ଅଭିଯୋଗ ହୋଇଛି । ଯାହାଦ୍ୱାରା ବସୁଧା ଯୋଜନା ଏହି ବ୍ଲକରେ ଦିଗହରା ହୋଇଥିବା ଦେଖାଯାଇଛି । ବସୁଧା ଯୋଜନା ଦିଗହରା ହେବା ପରେ ସରକାର ମେଘା ପାନୀୟଜଳ ପ୍ରକଳ୍ପ ଦ୍ୱାରା ପ୍ରତ୍ୟେକ ଲୋକଙ୍କ ଘରକୁ ନଦୀରୁ ସ୍ୱଚ୍ଛ ଜଳ ଆଣି ଟାଙ୍କି ନିର୍ମାଣ କରି ଯୋଗାଇ ଦେବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମହାରାଷ୍ଟ୍ରର ଜନୈକ ଠିକାଦାର ଏହି ମେଘା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ପଂଚାୟତରେ ନୂଆ ପାଣି ଟାଙ୍କି ନିର୍ମାଣ ହେବା ସହିତ ଚାରିଆଡେ ନଳ ବିଛା କାର୍ଯ୍ୟକ୍ରମ ମଧ୍ୟ ଚାଲିଛି । ବସୁଧା ଯୋଜନାରେ ଯେଉଁ ନଳଗୁଡିକ ବିଛା ଯାଇଥିଲା ମେଘା ପ୍ରକଳ୍ପ ଯୋଜନାରେ ପୁନର୍ବାର ନଳ ବିଛାଯିବାରୁ ବସୁଧା ଯୋଜନା ନଳଗୁଡିକ ଫାଟି ନଷ୍ଟ ହୋଇଯିବାରୁ ସବୁସ୍ଥାନରେ ଏହା ଅଚଳ ହୋଇଯାଇଛି ।

## କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ୱା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

## ହୃଦ୍‌ଘାତ ନେଉଛି ଅଧିକ ଜୀବନ; ଜାଣନ୍ତୁ କିପରି ଏହି ରୋଗରୁ ନିଜକୁ ସୁରକ୍ଷିତ ରଖିହେବ



ଆଜିକାଲି ଅକାଳ ବିୟୋଗର ଢେର ଅଧିକ ବଢ଼ିଯାଇଛି । ସ୍ୱଭାବିକ ମୃତ୍ୟୁ, କମ୍ ଅସୁସ୍ଥତା ହେତୁ ମୃତ୍ୟୁ ଅଧିକ ହେଉଛି । ବିଶେଷ କରି ହୃଦ୍‌ରୋଗରେ ଅନେକ ଲୋକ ପ୍ରାଣ ହରାଉଛନ୍ତି । ବୟସ ପୂର୍ବରୁ ଅନେକ ଲୋକ ଯେଉଁ ରୋଗ ହେତୁ ଶେଷ ନିଶ୍ୱାସ ତ୍ୟାଗ କରି ଦେଉଛନ୍ତି ତାହା ହେଉଛି ହୃଦ୍‌ରୋଗ । ଏହି ରୋଗ ସମୟକ୍ରମେ ବଢ଼ିବାରେ ଲାଗିଛି । ଜଣେ ପରେ ଜଣେ ବ୍ୟକ୍ତି ଏହି ରୋଗ ପାଇଁ ପ୍ରାଣ ହରାଇ ଚାଲିଛନ୍ତି । ବହୁ ଜଣାଶୁଣା ବ୍ୟକ୍ତିଙ୍କର ମଧ ଏହି ରୋଗରେ ମୃତ୍ୟୁ ଘଟୁଛି । ତେବେ, ଆଣପ ଜାଣନ୍ତି କି କ'ଣ ପାଇଁ ଏହା ଉପୁଜେ ? ଜାଣିରଖନ୍ତୁ ଯେ ରକ୍ତରେ ମାତ୍ରାଧିକ ଶର୍କରା ପରିମାଣ ହିଁ ହୃଦ୍‌ରୋର କାରଣ ହୋଇଥାଏ । ରକ୍ତରେ ଶର୍କରାର ପରିମାଣ ଯେତେ ଅଧିକ ରହିବ ହୃଦ୍‌ଘାତର ଆଶଙ୍କା ସେତେ ଅଧିକ ରହିଛି । ବିଶେଷ କରି ଟାଇପ୍‌୨ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଅଧିକ ପରିମାଣର ହୃଦ୍‌ରୋଗ ଆଶଙ୍କା ରହିଛି । ତେବେ, ରକ୍ତରେ ଶର୍କରା ପରମାଣକୁ ଆୟତ୍ତରେ ରଖିପାରିଲେ ହୃଦ୍‌ରୋଗର ଆଶଙ୍କା କମ୍ ହୋଇଥାଏ । ଏହା ବ୍ୟତୀତ ହୃଦ୍‌ରୋଗର ଅନ୍ୟାନ୍ୟ କାରଣ ସବୁ ବି ରହିଛି । ମୋଟାପଣ, ନିଦ ନହେବା ଓ ଚିନ୍ତା ଆଦି ହୃଦ୍‌ରୋଗରେ ଅନ୍ୟାନ୍ୟ ପ୍ରମୁଖ କାରଣ । ନିଜେ ଚାହିଁଲେ ଆମେ ଏ ରୋଗରୁ ନିଜକୁ ମୁକ୍ତ କରିପାରିବା । ନିୟମିତ ବ୍ୟାୟାମ, ସୁସ୍ଥକର ଖାଦ୍ୟ ଓ ପାନୀୟ ଏହି ରୋଗ ସହି ଲଢ଼ିବାକୁ ଶରୀରକୁ ଯ ?ଥେଷ୍ଟ ଶକ୍ତି ଦେଇଥାଏ । ଦୈନନ୍ଦିନ ଜୀବନରେ ଖାଦ୍ୟପେୟ ସହ ବ୍ୟାୟାମ ଓ ଧ୍ୟାନ ପ୍ରତି ଗୁରତ୍ୱ ଦେଲେ ଆମେ ଏ ସମସ୍ୟାରୁ ମୁକ୍ତି ପାଇପାରିବା ।

## ୨.୬୧ କୋଟିରେ ନିଲାମ ହେଲା ଗାଈ, ଭାଙ୍ଗିଲା ବିଶ୍ୱ ରେକର୍ଡ



ସେଣ୍ଟ୍ରାଲ ଇଂଲଣ୍ଡରେ ଏକ ଗାଈ ୨.୬୧ କୋଟି ଟଙ୍କାରେ ନିଲାମ ହୋଇଛି । ପୋଶ ସ୍ୱାଇସ୍ ନାମକ ଏହି ନିଆରା ଗାଈର ବୟସ ୧୪ ମାସ । ବହୁ ମୂଲ୍ୟବାନ ଲିମୋସିନ୍ ପ୍ରଜାତି ପାଇଁ ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ଶ୍ରପ୍‌ଶାୟାର ସ୍ଥିତ ଲଜ୍ ଫାର୍ମଠାରେ ଏହାର ଲାଳନପାଳନ ହେଉଥିଲା । ଏହା ପୂର୍ବରୁ ଶ୍ରେଷ୍ଠ ପ୍ରଜାତି ଭାବେ ନିଲାମ ହୋଇଥିବା ଗାଈଠାରୁ ଦୁଇଗୁଣ ମୂଲ୍ୟରେ ଗତ ମାସ ଏହାର ନିଲାମ ହୋଇଛି । କାର୍ଲିସଠାରେ ଉକ୍ତ ପ୍ରଜାତିର ଗାଈର ନିଲାମ ୧,୩୧,୨୫୦ ପାଉଣ୍ଡରେ ହୋଇଥିଲା । ତେବେ ପୋଶ ସ୍ୱାଇସ୍ କେବଳ ପୂର୍ବ ରେକର୍ଡ ଭାଙ୍ଗିଛି ତାହା ନୁହେଁ, ବରଂ ଇଂଲଣ୍ଡ ଓ ୟୁରୋପର ସବୁଠୁ ମହଙ୍ଗା ଗାଈର ମାନ୍ୟତା ମଧ ପାଇଛି । ପ୍ରଜନକ ତଥା ପଶୁପାଳକ ଖ୍ରୀଷ୍ଟିନ୍ ୱିଲିୟମ୍‌ସ ଏହି ଗୋବଂଶ ପ୍ରତିଷ୍ଠା କରିଥିଲେ । ନିଲାମରେ ପୋଶ ସ୍ୱାଇସ୍ ରେକର୍ଡ ଭଙ୍ଗ କରିବା ପରେ ସେମାନେ ଖୁବ୍ ଖୁସି ହୋଇଥିଲେ ।

## ଏହି ବ୍ୟକ୍ତି ଭୁଲରେ ଖାଆନ୍ତୁ ନାହିଁ ପିଜୁଳି: ପ୍ରଭାବିତ ହୋଇପାରେ ସ୍ୱାସ୍ଥ୍ୟ

**ଶୀତଦିନେ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଚାର କରାଯାଏ । ବିଶେଷକରି ପେଟର ହଜମ ଶକ୍ତି ବଢାଇବା ପାଇଁ କଦଳୀ ସହିତ ପିଜୁଳି ଖାଇବାକୁ ପରାମର୍ଶ ଦିଆଯାଏ । ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦ୍ରୁତ ଗତିରେ ବଢିଯାଏ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭୁଲରେ ପିଜୁଳି ଖାଇବା ଉଚିତ୍ ନୁହେଁ । ଏହା କରିବା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିପାରେ । ଆସନ୍ତୁ ଜାଣିବା କେଉଁ ଲୋକମାନେ ଶୀତଦିନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।**



**ଏହି ରୋଗର ରୋଗୀମାନେ ପିଜୁଳି ଖାଇବା ଉଚିତ୍ ନୁହେଁ:**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାର କାରଣ ହେଉଛି ପିଜୁଳି ଥଣ୍ଡା ପରିମାଣ ଥାଏ, ଯେଉଁ କାରଣରୁ ଗର୍ଭବତୀ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଥଣ୍ଡା ଏବଂ ଥଣ୍ଡା ରୋଗରେ ପୀଡିତ ଲୋକମାନେ ମଧ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

ଏକ୍ସିମାରେ ପୀଡିତ ଲୋକମାନେ ମଧ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହା କରିବା ଦ୍ୱାରା ସେମାନଙ୍କୁ ଚର୍ମର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏପରି ଲୋକମାନେ ଭୁଲରେ ମଧ ପିଜୁଳି ପତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ଚର୍ମ ରୋଗର କାରଣ ହୋଇପାରେ ।

**ମଧୁମେହ ରୋଗୀମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍**

ମଧୁମେହ ରୋଗୀମାନେ ପିଜୁଳି ଖାଇପାରିବେ, କିନ୍ତୁ ସେମାନେ ଏହାକୁ ଅତି କମ ମାତ୍ରାରେ ଖାଇବା ଉଚିତ୍ । ଏହାର କାରଣ ହେଉଛି ପିଜୁଳିରେ ମିଠା ଥାଏ, ଯାହା ମଧୁମେହ ସ୍ତରକୁ ବଢାଇପାରେ । ଆପଣ ଡାକ୍ତରଙ୍କ ପରାମର୍ଶ ପରେ ପିଜୁଳି ଖାଇପାରିବେ ।

**ଗ୍ୟାଷ୍ଟ୍ରୋ ରୋଗୀଙ୍କ ପାଇଁ ମଧ କ୍ଷତିକାରକ ପିଜୁଳି**

ପେଟରେ ଏସିଡିଟି ସୃଷ୍ଟି ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ମଧ ପିଜୁଳି ଖାଇବା ଭଲ ନୁହେଁ । ଏହି କାରଣରୁ, ତାଙ୍କର ଗ୍ୟାଷ୍ଟ୍ରୋ ସମସ୍ୟା ଆହୁରି ବଢିଥାଏ । ଯଦି ଆପଣ ପେଟରେ କଷ୍ଟ ଅନୁଭବ କରୁଛନ୍ତି କିମ୍ବା ପିଜୁଳି ଖାଇବା ପରେ ବାନ୍ତି ଭଳି ଅନୁଭବ କରୁଛନ୍ତି, ତେବେ ଆପଣ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

## ରବିବାର ଆମିଷ କିଣିଲେ ଜୋରିମାନା !

ରବିବାର ହେଉଛି ଛୁଟିଦିନ, ଏଣୁ ଅଧିକାଂଶ ଏଇ ଛୁଟିଦିନରେ ଆମିଷ ରନ୍ଧା ପସନ୍ଦ କରନ୍ତି । ପାଠକେ ବନ୍ଧୁ ଜାଣିଛନ୍ତି କି, ରବିବାରରେ ଆମିଷ କିଣିଲେ ବି ଜୋରିମାନା ଦେବାକୁ ପଡ଼ିବ । ଅବିଶ୍ୱାସ ହେଉଥିଲେ ମଧ କଥାଟି ସତ, ଆମେରିକାର ୱାଶିଂଟନ୍‌ରେ ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି । ଏବେ ମଧ ପୁଲିସ୍‌ର ଦୃଷ୍ଟିକୁ ଆସିଲେ, ଆମିଷ ନେଉଥିବା ବ୍ୟକ୍ତିକୁ ଦେବାକୁ ପଡ଼େ ଜୋରିମାନା । ଆଜିକାଲିର ଅନ୍-ଲାଇନ୍ ଯୁଗରେ ଲୋକେ ପୂର୍ବରୁ ବରାଦ୍ କରିଦେଉଛନ୍ତି । ୧୯୮୦ ବେଳକୁ ସେଠା ଟେଲିଭିଜନ ବିଜ୍ଞାପନରେ ଦର୍ଶକଙ୍କୁ ବାରମ୍ବାର ସତର୍କ କରାଯାଉଥିଲା,ରବିବାରରେ ଆମିଷ କିଣିବା ମନା । ଏହା ପଛର କାରଣ ଜଣାପଡ଼ିନାହିଁ, କିନ୍ତୁ ୧୮୦୦ ଶତାବ୍ଦୀବେଳକୁ ତତ୍କାଳୀନ ମେୟର୍ ଏହି ନିୟମ ପ୍ରଣୟନ କରିଥିଲେ । ଗତ କିଛି ବର୍ଷ ମଧରେ ଏହି ନିୟମକୁ ନେଇ ପୁଲିସ୍ ସେଭଳି କଡ଼ାକଡ଼ି ପଦକ୍ଷେପ ନେଉନାହିଁ । ୧୯୮୦ ବେଳକୁ ରବିବାରେ ଆମିଷ କିଣୁଥିବା ଲୋକେ ଧରାପଡ଼ିଲେ ସେମାନଙ୍କୁ ଆମିଷ ମୂଲ୍ୟର ୫ ଗୁଣ ରାଶି ଜୋରିମାନା ଭାବେ ଦେବାକୁ ପଡୁଥିଲା ।

## ପୁରୁଷଙ୍କ ମଧରେ କସମେଟିକ୍ ସର୍ଜରୀର ଲୋକପ୍ରିୟତା



କସମେଟିକ୍ ସର୍ଜରୀର ଆଦର ଯେ କେବଳ ମହିଳାଙ୍କ ମଧରେ ଅଛି, ତା ନୁହେଁ । ବର୍ତ୍ତମାନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଇ ଦୌଡ଼ରେ ପୁରୁଷମାନେ ସବୁଠୁ ଅଧିକ ଆଗରେ । ଏଇ ଚିକିତ୍ସା ମହଙ୍ଗା ହେବା ସତ୍ତ୍ୱେ ଲୋକେ ଏସବୁ କରିବାରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । ବିଶ୍ୱର ପ୍ରମୁଖ ରାଷ୍ଟ୍ରର ପୁରୁଷଙ୍କ ପ୍ରଥମ ସମସ୍ୟା ହେଲା ଅକାଳରେ କେଶ ପାଚିବା ଓ ଖୁବ୍ ମାତ୍ରାରେ ଝଡ଼ିବା । ପର୍ବ ଏସବୁର ଦେଶୀ ଚିକିତ୍ସା କରାଯାଉଥିବା ବେଳେ ଲୋକଙ୍କ ମତ ହେଲା, ଏସବୁ ସମୟସାପେକ୍ଷ । ଏଣୁ ଶୀଘ୍ର ଉପଚାର ନିମନ୍ତେ ସେମାନେ ହଜାରହଜାର ଟଙ୍କା ଖର୍ଚ୍ଚ କରି 'ହେୟାର ଟ୍ରାନ୍ସପ୍ଲାଣ୍ଟ' କରାଉଛନ୍ତି । ବିଦେଶୀ ରାଷ୍ଟ୍ରରେ ଏଇ କେଶ ଚିକିତ୍ସା ନିମନ୍ତେ ଲୋକେ ବର୍ଷକୁ ୫-୭ଲକ୍ଷ ଯଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରୁନାହାନ୍ତି । ଭାରତରେ ମଧ ନାମୀ ବ୍ୟୁଟି ପାର୍ଲର ବ୍ରାଣ୍ଡ 'ହେୟାର ଟ୍ରାନ୍ସପ୍ଲାଣ୍ଟ' ନିମନ୍ତେ ପ୍ରତି ଥର ପିଛା ୨୦-୨୨ ହଜାର ଟଙ୍କା ଦେୟ ନେଉଥିବାର ପ୍ରକାଶ ପତଳା ଶରୀର ସମସ୍ତଙ୍କୁ ପସନ୍ଦ । ଖାଦ୍ୟପାନୀୟ ପ୍ରତି ଲୋଭ ବଢ଼ିଲେ ଶରୀରର ଓଜନ ବଢ଼ିବା ସ୍ୱାଭାବିକ । ଓଜନକୁ ନିୟନ୍ତ୍ରଣ କରିବା ଏତେ ସହଜ ବ୍ୟାପାର ନୁହେଁ । ଅଧିକାଂଶ ଲୋକ ବ୍ୟାୟାମ, କସରତ ଓ ଖାଦ୍ୟପାନୀୟ ପ୍ରତି ସଜାଗ ରହିନପାରି ଏବେ ଲିପୋସକ୍ସନ କରାଉଛନ୍ତି । ହଲିଉଡ ଓ ବଲିଉଡ କଳାକାରଙ୍କୁ ଦେଖି ଏବେ ସଂଖ୍ୟାଧିକ ଲୋକ ନିଜର 'ସିକ୍ସ ପ୍ୟାକ୍ ଏବ୍ସ' ଫିଗର କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଇ ଲିପୋସକ୍ସନ ଅପରେସନ୍ ଦ୍ୱାରା ହି ଶରୀରର ଓଜନ କମ କରାଯିବା ସହ ଫିଗର ସୁନ୍ଦର କରାଯାଇଥାଏ ।

## ମଜାଦାର କାର୍ଯ୍ୟାଳୟ

ପ୍ରାୟ ପ୍ରତ୍ୟେକ କାର୍ଯ୍ୟାଳୟର ନିୟମାନୁସାରେ କାର୍ଯ୍ୟ କରିବାର ସମୟ ସ୍ଥିର କରାଯାଇଛି । କର୍ମଚାରୀମାନେ ସେହି ଅନୁସାରେ ଯାଇଥାନ୍ତି । ଇନ୍ଦୋରର ଏକ ଆଇଟି କମ୍ପାନୀ କିନ୍ତୁ କର୍ମଚାରୀମାନଙ୍କ ଲାଗି ଏପରି କାର୍ଯ୍ୟାଳୟ ବ୍ୟବସ୍ଥା କରିଛି ଯାହା ଏବେ ଚର୍ଚ୍ଚାରେ । ନ୍ୟୁ ଆଇଟି ପାର୍କରେ ଆରମ୍ଭ ହୋଇଥିବା ଏହି ଆଇଟି କମ୍ପାନୀରେ କର୍ମଚାରୀଙ୍କ ଯିବା ଆସିବା ପାଇଁ କୌଣସି ଧର୍ଯ୍ୟ ସମୟ ନାହିଁ । କେବଳ ଥରେ ଲଗଇନ କରିବା ପରେ ଆଠଘଣ୍ଟା କାମ କରିବାକୁ ହୁଏ । କମ୍ପାରନୀରେ କାମ କରୁଥିବା ଆଇଟି ବିଶେଷଜ୍ଞମାନଙ୍କ ଲାଗି କ୍ଳାନ୍ତି ଏବଂ ଟେନସନ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ରାଜ୍ୟରେ ପ୍ରଥମଥର ପାଇଁ ମହିଳା କର୍ମଚାରୀମାନେ ସେମାନଙ୍କ ଶିଶୁର ଯତ୍ନ ନେଇପାରିବା ଲାଗି ନିଃଶୁଳ୍କ କ୍ରେଚ୍ ସୁବିଧା କରାଯାଇଛି । ଏଠାରୁ ସିସି ଟିଭିର ସିଧା ପ୍ରସାରଣ ସେମାନଙ୍କ ମୋବାଇଲରେ ହୋଇଥାଏ । ଫଳରେ ଯେକୌଣସି ସମୟରେ ପିଲା କ'ଣ କରୁଛି ତାହା କାର୍ଯ୍ୟରତ ମା' ମାନେ ଦେଖିପାରିବେ । ଏହା ପାଖରେ ସେମାନେ ପିଲାଙ୍କୁ ଖୁଆଇ ପାରିବା ଲାଗି କକ୍ଷ ରହିଛି । କାମ ବେଳେ କର୍ମଚାରୀମାନେ ନିଜକୁ ସତେଜ କରିବା ଲାଗି ଟେବୁଲ ଟେନିସ ବ୍ୟାଡମିଣ୍ଟନ ଆଦି ଖେଳିପାରିବେ । ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ସେଠାରେ ଜିମ ରଖାଯାଇଛି । ହସିବା ଏବଂ ଗୀତ ଶୁଣିବା ପାଇ ବି ହଲ ରହିଛି । ମୋବାଇଲରେ କଥା ହେବା ତଥା ଚାଲବୁଲ କରିବା ଲାଗି କାର୍ଯ୍ୟାଳୟ ପରିସରରେ ବଗିଚା କରାଯାଇଛି । କୌଣସି କର୍ମଚାରୀ ଅଧିକ କ୍ଳାନ୍ତ ଅନୁଭବ କରୁଥିଲେ ସେଠାରେ ଥିବା ବିଶ୍ରାମ କକ୍ଷକୁ ଯାଇ ଶୋଇପାରିବେ । ଭେଟିବାକୁ ଆସୁଥିବା ଆଗନ୍ତୁକମାନଙ୍କ ସହ ସାକ୍ଷାତ ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ ରହିଛି । ଇନ୍ଦୋରର ତିନିବନ୍ଧୁ ଅମିତ ଅଗୱାଲ, କଲଦୀପ କୁଣ୍ଡଲ ,ବଂ ଅଭିଷେକ ପାରିଖ ୧୫ବର୍ଷ ତଳେ ରେସକୋର୍ସ ରୋଡସ୍ଥିତ ଣ୍ଟକ ଫ୍ଲାଟରେ ତିନିଜଣ କର୍ମଚାରୀଙ୍କୁ







ନେଇ ଏହି କମ୍ପାନୀ ଆରମ୍ଭ କରିଥିଲେ । ଏବେ ୪୦ ପାଖାପାଖି ଦେଶରେ ଏହାର ବ୍ୟବସାୟ ଚାଲିଥିବାବେଳେ ଚାରୋଟି ଦେଶରେ କାର୍ଯ୍ୟାଳୟ ରହିଛି । ୨୦୦ରୁ ଅଧିକ କମ୍ପାନୀ ଏହି ଆଇଟି ଫାର୍ମର ସେବା ନେଉଛନ୍ତି । ଏବେ ଇନ୍ଦୋରରେ ଆଠଶହ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ୨୦୦୦ ବେକାରଙ୍କୁ ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛି କମ୍ପାନୀ ।





ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ମାର୍ଚ୍ଚ ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂଘର୍ଷରୁ ଉତ୍ତୀର୍ଣ୍ଣ...

ଧୀରେ ଧୀରେ ପାକିସ୍ତାନ ଏକ ବିଫଳ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷଣ ଜଳଜଳ ହୋଇ ଦୃଶ୍ୟ ହେବାରେ ଲାଗିଛି। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କୁ ଗିରଫ କରିବା ଲାଗି କ୍ଷମତାସୀନ ଶେହବାଜ ସରିଫ ସରକାର ଗତ କେଇ ମାସ ଧରି ଗଳଦ୍‌ଘର୍ମ ହୋଇଥିଲେ ସୁଦ୍ଧା ବାରମ୍ୱାର ସେମାନେ ଏହି ପ୍ରୟାସରେ ବିଫଳ ହୋଇଛନ୍ତି । ଗତ ବୁଧବାର ଦିନ ଇମ୍ରାନଙ୍କୁ ତାଙ୍କ ଲାହୋର ସ୍ଥିତ ବାସଭବନରୁ ଗିରଫ କରିବାକୁ ଯାଇ ଦ୍ୱିତୀୟ ଥର ସକାଶେ ସୁରକ୍ଷାବଳଙ୍କୁ ଭଗ୍ନ ମନୋରଥରେ ଫେରିବାକୁ ପଡ଼ିଛି । ଗତ ସପ୍ତାହରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ଏହା ପ୍ରମାଣସିଦ୍ଧ କରୁଛି ଯେ, ବ୍ୟକ୍ତିସତ୍ତା ନିକଟରେ ରାଷ୍ଟ୍ରଶକ୍ତିକୁ ହାର ମାନିବାକୁ ପଡ଼ିଛି। ଏହା ଗଣତନ୍ତ୍ର ପାଇଁ ଶୁଭ ଲକ୍ଷଣ ନୁହେଁ । ଯେଉଁ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଇମ୍ରାନ ନିଜର ପାକିସ୍ତାନ ତେହରିକ-ଏ-ଇନସାଫ ଦଳ ଗଠନ କରିଥିଲେ, ଏବେ ସେହି ଦୁର୍ନୀତି ଅଭିଯୋଗରେ ତାଙ୍କୁ କୋର୍ଟରେ ହାଜର ହେବାଲାଗି ସମନ ଜାରି ହୋଇଛି । କିନ୍ତୁ ନିଜର ଲୋକପ୍ରିୟତା ଓ ସମର୍ଥନକୁ ଆୟୁଧ କରି ଇମ୍ରାନ୍ କୋର୍ଟ ଆଦେଶକୁ ବାରମ୍ୱାର ଏଡ଼ାଇବାରେ ଲାଗିଛନ୍ତି । ପ୍ରତିଥର ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଇବାକୁ ଆସୁଥିବା ସୁରକ୍ଷାବଳକୁ ଇମ୍ରାନଙ୍କ ସମର୍ଥନଙ୍କ ଆକ୍ରମଣର ଶିକାର ହୋଇ ମୁହଁ ଶୁଖାଇ ଫେରିବାକୁ ପଡୁଛି । ସମର୍ଥକମାନେ ଇମ୍ରାନଙ୍କ ବାସଭବନ ଚତୁଃପାର୍ଶ୍ୱରେ ଏଭଳି ଅଭେଦ୍ୟ ବ୍ୟୂହ ରଚନା କରିଛନ୍ତି ଯେ, ସେଥିମଧ୍ୟରୁ ସୁରକ୍ଷାକର୍ମୀମାନେ ସୁଦ୍ଧା ଭେଦ କରିବାକୁ ଅକ୍ଷମ। ଏହା ସେ ଦେଶର ଶାସନ ବ୍ୟବସ୍ଥା, ଆଇନ ଶୃଙ୍ଖଳା ଏବଂ ବାସ୍ତବ ରାଜନୈତିକ ସ୍ଥିତିକୁ ଦୁନିଆ ନିକଟରେ ସ୍ପଷ୍ଟ କରିଛି । ପାକିସ୍ତାନର ରାଜନୈତିକ ଅସ୍ଥିରତା ଓ ଆର୍ଥିକ ବିପର୍ଯ୍ୟୟ ଅବସ୍ଥା ଦେଶବାସୀଙ୍କୁ ବିପଦମୁହଁକୁ ଠେଲିଦେବା ପରି ମନେହୁଏ । ପାକିସ୍ତାନରେ ଶେହବାଜ ସରିଫ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଛନ୍ତି ସତ, କିନ୍ତୁ ସେ ମଧ୍ୟ ଦୁର୍ନୀତି ଠାରୁ ମୁକ୍ତ ନୁହଁନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କୁ ମିଳିଥିବା ମହାର୍ଘ ଉପହାରଗୁଡ଼ିକୁ ଶାଗମାଛ ଦରରେ କିଣି ଅବା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସେହି ମାମଲାରେ ତାଙ୍କୁ କୋର୍ଟ ସମନ ମିଳିବା ପରେ ମଧ୍ୟ ସେ ସେଠାରେ ଉପସ୍ଥିତ ହେବାକୁ ନାରାଜ। ଅପରପକ୍ଷେ ଏହା ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରି ସେ ତୁରନ୍ତ ଦେଶରେ ସାଧାରଣ ନିର୍ବାଚନ କରାଇବା ଦାବି କରୁଛନ୍ତି । ଏହା ସତ ଯେ, ଭୁଟୋ, ସରିଫ ଆଦି ପରିବାରଙ୍କ ତୁଳନାରେ ଇମ୍ରାନଙ୍କ ଲୋକପ୍ରିୟତା ପାକିସ୍ତାନରେ ସର୍ବାଧିକ । କିନ୍ତୁ ସେ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇ ମଧ୍ୟ ଶାସନକଳ ପରିଚାଳନାରେ ନିଜର ବିଫଳତା ସିଦ୍ଧ କରିଥିଲେ । ତେଣୁ ଅତି ଦୟନୀୟ ଭାବେ ତାଙ୍କ ହାତରୁ କ୍ଷମତା ଯାଇଥିଲା । ଏହାର ଅନ୍ୟ ଏକ କାରଣ ଦେଶର ସବୁଠାରୁ ପ୍ରଭାବଶାଳୀ ସେନା ସହିତ ତାଙ୍କର ମତାନ୍ତର । କିନ୍ତୁ ସେନା ଆଶୀର୍ବାଦରେ ସେ କ୍ଷମତା ମଙ୍ଗ ଧରିଥିଲେ । ଏହା ସତ ଯେ, ଭୁଟୋ, ସରିଫ ଆଦି ପରିବାରଙ୍କ ତୁଳନାରେ ଇମ୍ରାନଙ୍କ ଲୋକପ୍ରିୟତା ପାକିସ୍ତାନରେ ସର୍ବାଧିକ। ତେଣୁ ଅତି ଦୟନୀୟ ଭାବେ ତାଙ୍କ ହାତରୁ କ୍ଷମତା ଯାଇଥିଲା। ଏହାର ଅନ୍ୟ ଏକ କାରଣ, ଦେଶର ସବୁଠାରୁ ପ୍ରଭାବଶାଳୀ ସେନା ସହିତ ତାଙ୍କର ମତାନ୍ତର। ଦେଶର ଅର୍ଥନୀତି ଏତେ ତଳକୁ ଖସିଯାଇଛି ଯେ, ମୁଦ୍ରାସ୍ଫୀତି ଆକାଶଛୁଆଁ, ମୂଲ୍ୟ ବୃଦ୍ଧି ଅବିଶ୍ୱସନୀୟ ଏବଂ ବୈଦେଶିକ ଋଣ ବୋଝ ପାହାଡ଼ ପରି ଦେଶବାସୀଙ୍କ ମୁଣ୍ଡରେ ଚାପ ପକାଇ ଚାଲିଛି। ତେଣୁ ରାଜନୈତିକ ଅଚଳାବସ୍ଥା ଆର୍ଥିକ ସଂକଟକୁ ଦ୍ୱିଗୁଣିତ କରିଛି। ଏଭଳି ସ୍ଥିତିରେ ରାଜନୈତିକ ଅଶାନ୍ତି, ଦେଶର ପ୍ରମୁଖ ନଗରୀ ଯଥା- ଲାହୋର, କରାଚି, ଇସଲାମାବାଦରେ ଭୟଙ୍କର ଗଣ୍ଡଗୋଳର ସୂତ୍ରପାତ କରିଛି। ଇମ୍ରାନଙ୍କୁ ପାକିସ୍ତାନ ପୁଲିସ ଗିରଫ କରୁ ଅବା ନକରୁ, ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେଉ ଅବା ନହେଉ, ସେ ଦେଶରେ ମୁଣ୍ଡ ଟେକିଥିବା ରାଜନୈତିକ ଅସ୍ଥିରତା ଯଥାଶୀଘ୍ର ଥମିବା ଅସମ୍ଭବ। ଆର୍ଥିକ ଶୋଚନୀୟ ସ୍ଥିତି ଏହାକୁ ଆହୁରି ସଂକଟ ଭିତରକୁ ଠେଲିଦେବାରେ ବ୍ୟସ୍ତ । ଏଭଳି ପୃଷ୍ଠଭୂମିରେ ନିଜ ସମର୍ଥକଙ୍କୁ ଢାଲ କରି ଇମ୍ରାନ ଖାନ କେତେଦିନ ଗିରଫକୁ ଏଡ଼ାଇ ପାରିବେ ତାହା ବିଚାର୍ଯ୍ୟ ।

# ଗଙ୍ଗାଷ୍ଟ ଯମୁନାଷ୍ଚୈବ ଗୋଦାବରୀ ସରସ୍ୱତୀ...

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମନୁଷ୍ୟର ଦୈନନ୍ଦିନ ନିତିଦିନିଆ ଜୀବନରେ ଛଅଟି କର୍ମ ଭିତରେ ସ୍ନାନ କର୍ମରୁ ଗୁରୁତ୍ୱ ବିଧାନ କରାଯାଇଛି। ଏହା ଶରୀରକୁ ଶୁଦ୍ଧ ସହ ମନ ପବିତ୍ର କରିଥାଏ। ହିନ୍ଦୁ ଧର୍ମ ବିଚାରରେ ସ୍ନାନ ହେଉଛି ତିନି ପ୍ରକାରର। ଯାହା ଦୈନିକ ସ୍ନାନ, ନିତ୍ୟ ସ୍ନାନ, ନିଜର ନିକଟ ସମ୍ପର୍କୀୟଙ୍କ ପରଲୋକ ଜନିତ ଶୁଦ୍ଧିକ୍ରିୟା ସ୍ନାନ ହେଉଛି ନୈମିତ ସ୍ନାନ ଓ ମାନସିକ ପୂରଣ ପାଇଁ ଯେଉଁ ସ୍ନାନଟି ହୋଇଥାଏ ତାହା ହେଉଛି କାମ୍ୟା ସ୍ନାନ। ଯଥାର୍ଥରେ ଶାସ୍ତ୍ରରେ ଉଲ୍ଲେଖ ରହିଛି - 'ଗଙ୍ଗାଷ୍ଟ ଯମୁନାଷ୍ଚୈବ ଗୋଦାବରୀ ସରସ୍ୱତୀ। ନର୍ମଦେ ସିନ୍ଧୁ କାବେରୀ ଜଳଙ୍କସ୍ମିନ୍ ସନ୍ନିଧିଂ କୁରୀ।' ଭାରତର ସବୁଠାରୁ ପବିତ୍ରତମ ନଦୀ ଗଙ୍ଗା। କଥିତ ଅଛି ଧରିତ୍ରୀ, ପାତାଳ ଓ ଆକାଶ ତିନିଲୋକରେ ଗଙ୍ଗା ପ୍ରବାହିତ। ଏହାକୁ ଅନେକ ନାମରେ ସମ୍ବୋଧିତ କରାଯାଏ ଯଥା ଆକାଶଗଙ୍ଗା, ତ୍ରିପଥ ଗଙ୍ଗା, ପାତାଳ ଗଙ୍ଗା, ଜାହ୍ନବୀ, ମନ୍ଦାକିନୀ, ହେମବତୀ ଭାଗିରଥି ଓ ଅଳକାନନ୍ଦା। ଗଙ୍ଗାରେ ସ୍ନାନକଲେ ପାପ କ୍ଷୟ ହୋଇଥାଏ ଏହି ବିଶ୍ୱାସ ରହିଛି ଏହାସହ ମୃତ୍ୟୁପରେ ଚିତାଭସ୍ମକୁ ଗଙ୍ଗାରେ ବିସର୍ଜିତ କଲେ ମୃତ ଆତ୍ମା ମୋକ୍ଷ ପ୍ରାପ୍ତ ହୋଇଥାଏ। ସେହିପରି ପଞ୍ଚାମୃତ ରୂପରେ ଗଙ୍ଗାଜଳକୁ ଅମୃତ ବୋଲି ମାନିଥାନ୍ତି ଏହା ଭଗବାନ ଶ୍ରୀସତ୍ୟସାଇବାବାଙ୍କ ଷୋଡ଼ଶ ଉପଚାର ପୂଜା ନିତ୍ୟକର୍ମ ପୁସ୍ତକରେ ଉଲ୍ଲେଖ ରହିଛି। ମକର ସଂକ୍ରାନ୍ତି, କୁମ୍ଭମେଳା ଓ ଗଙ୍ଗା ଦଶହରାରେ ଗଙ୍ଗାରେ ସ୍ନାନ କଲେ ସମସ୍ତଙ୍କ ପାପକ୍ଷୟ ହୁଏ। ପଶ୍ଚିମ ବଙ୍ଗର ଦକ୍ଷିଣ-ପୂର୍ବ ଭାଗରେ ଥିବା ଗଙ୍ଗା ସାଗରରେ ପ୍ରୟାଗ ସ୍ନାନ ଯାତ୍ରା ହୋଇଥାଏ। ମହାଭାରତରେ ଏହି ପ୍ରୟାଗରାଜ ଓ ମୋକ୍ଷ ପ୍ରାପ୍ତି ସମ୍ବନ୍ଧରେ ଉଲ୍ଲେଖ ଅଛି - ତ୍ରିବେଣୀ ମାଧବଂ ସୋମଂ ଭରଦ୍ୱାଜଂ ଚ ବାସୁକିମ୍। ବନ୍ଦେଙ୍କକ୍ଷୟବର୍ଣ୍ଣଂ ଶେଷଂ ପ୍ରୟାଗଂ ତୀର୍ଥନାୟକମ୍।। ପଦ୍ମ ପୁରାଣ ଅନୁସାରେ ମାଘ ମାସରେ ପ୍ରୟାଗ ସ୍ନାନ କରିବା ଖୁବ୍ ପବିତ୍ର। ସେହିପରି ବ୍ରହ୍ମ ପୁରାଣ ଅନୁସାରେ ଅଶ୍ୱମେଧ ଯଜ୍ଞ କରିବା ସହ ପ୍ରୟାଗ ସ୍ନାନ ସମାନ ବୋଲି ଉଲ୍ଲେଖ ରହିଛି। ମତ୍ସ୍ୟ ପୁରାଣ ଅନୁସାରେ ୧୦୦ କୋଟିରୁ ଅଧିକ ମନ୍ଦିର ତୀର୍ଥ କରିବାରେ ଯେଉଁ ଫଳ ପ୍ରାପ୍ତି ହୁଏ କେବଳ ପ୍ରୟାଗ ସ୍ନାନରେ ସେହି ଫଳ ମିଳିଥାଏ।

ସେହିପରି ଗଙ୍ଗା-ଯମୁନା-ସରସ୍ୱତୀର ସଙ୍ଗମସ୍ଥଳରେ କୁମ୍ଭମେଳା ହରିଦ୍ୱାର, ନାସିକ, ପ୍ରୟାଗ ଓ ଉଜ୍ଜୈନୀରେ ହୋଇଥାଏ। ଏହି ଅମାବାସ୍ୟା ମେଳାରେ ସ୍ନାନକୁ ପୂର୍ଣ୍ଣ କୁମ୍ଭ କୁହାଯାଏ। ପ୍ରତି ବାରବର୍ଷରେ ପୂର୍ଣ୍ଣକୁମ୍ଭ ଓ ପ୍ରତି ଛଅବର୍ଷରେ ଅର୍ଦ୍ଧକୁମ୍ଭ ହୋଇଥାଏ। ସେହିପରି କାବେରୀ ନଦୀ ଭାରତର ଦକ୍ଷିଣାଞ୍ଚଳର ପବିତ୍ର ନଦୀରେ ବୁଡ଼ ପକାଇ ଶିବଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତ ହୋଇଥାଏ। ସେହିପରି ଗୋଦାବରୀ ନଦୀରେ ସ୍ନାନ କରି ସୌମେଶ୍ୱର ଓ କପାଳେଶ୍ୱର ଶିବମନ୍ଦିରରେ ଭଗବାନ ଶିବଙ୍କୁ ଦର୍ଶନ କରାଯାଏ। ସେହିପରି ଗୁଜୁରାଟର ତାପ୍ତି ନଦୀ କୂଳରେ ସୌରଗ୍ରହଣ ଅବସରରେ ପବିତ୍ର ବୁଡ଼ ପକାଯାଇଥାଏ। ସେହିପରି ଅନ୍ୟ ଏକ ତ୍ରିବେଣୀ ସଙ୍ଗମ ସ୍ଥାନ ହେଉଛି ଭାଗମନ୍ଦଳା ଏହା କାବେରୀ, କନିକୀ ଓ ମିଥିକୀୟ ନଦୀର ତିନୋଟି ସଙ୍ଗମକୁ ବୁଝାଯାଇଥାଏ। ଭାରତୀୟ ଆଧ୍ୟାତ୍ମିକ ବିଚାରଧାରାରେ ସମ୍ପୂର୍ଣ୍ଣ ଶରୀରରେ ଭସ୍ମ ସ୍ନାନକୁ ଆଗ୍ନେୟମ କୁହାଯାଏ। ଆଉ ବରୁନମ୍ ହେଉଛି ମନ୍ତ୍ର ସହିତ ନଦୀ, ହ୍ରଦ ଓ ନିଜ ଘରେ ସ୍ନାନ କରିବା। ବ୍ରହ୍ମ ସ୍ନାନରେ ସ୍ନାନମନ୍ତ୍ର ଅପୋହିଷ୍ଟ ମନ୍ତ୍ରରେ ବକ୍ଷ ଦେଶରେ କେବଳ ଜଳ ସିଞ୍ଚନ କରିବା। ସନ୍ଧ୍ୟା ସମୟରେ ଗାଈଙ୍କ ଖୁରାରେ ଧୂଳି ଉଡି ଅନେକ ବ୍ୟକ୍ତିଙ୍କ ଦେହରେ ଲାଗିଯାଏ ଏହାକୁ ବାୟାବ୍ୟ ସ୍ନାନ କୁହାଯାଏ। ଆଉ ସେହିପରି ଉତ୍ତରାୟଣ ଅବସରରେ ସ୍ନାନକୁ ଦିବ୍ୟ ସ୍ନାନ କୁହାଯାଏ ଓ ଯେତେବେଳେ ସୂର୍ଯ୍ୟଙ୍କ କିରଣ ଥାଏ ବର୍ଷା ଝିପିଝିପି ଝରୁଥାଏ ସେ ସମୟରେ ସ୍ନାନକୁ ଦିବ୍ୟ ସ୍ନାନ କୁହାଯାଏ।

ସେହିପରି ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନରେ ଚନ୍ଦ୍ରଭାଗାରେ ସ୍ନାନ ଏକ ଅବିସ୍ମରଣୀୟ ଅନୁଭୂତି। ମାଘ ସପ୍ତମୀ ତିଥିରେ ଚନ୍ଦ୍ରଭାଗାରେ ସ୍ନାନ ଓ ସୂର୍ଯ୍ୟପୂଜା ଚନ୍ଦ୍ରଭାଗା ତୀର୍ଥ ମହାତ୍ମ୍ୟକୁ ଆହୁରି ଆଧ୍ୟାତ୍ମିକମୟ କରିଥାଏ। ଭୌଗୋଳିକ ତଥ୍ୟ ଅନୁଯାୟୀ ପୂର୍ଣ୍ଣତୋୟା ପ୍ରାଚୀ ନଦୀର ଅଂଶବିଶେଷ ଭାବରେ ଚିତ୍ରୋତ୍ପଳା, କୁଶଭଦ୍ର ଓ ଚନ୍ଦ୍ରଭାଗାରେ ସଙ୍ଗମ ହୋଇ ବଙ୍ଗୋପସାଗରରେ ମିଶିଥିବାର ପ୍ରମାଣ ମିଳେ। ଯାହାକି ଏହି ତିନି ନଦୀ ଗୁପ୍ତଗଙ୍ଗା, ଯମୁନା ଓ ସରସ୍ୱତୀ ଭାବରେ ଆଖ୍ୟାୟିତ। ସେହିପରି ରାଉରକେଲା ସନ୍ନିକଟ ବେଦବ୍ୟାସ ଠାରେ ଶଙ୍ଖନଦୀ, କୋଏଲ ନଦୀ ଓ ସରସ୍ୱତୀର ମିଳନସ୍ଥଳୀ ଭାବେ ତ୍ରିବେଣୀ ସଙ୍ଗମ ପରିଚିତ। ଛତିଶଗଡ଼ରୁ ଆସିଥିବା ଶଙ୍ଖନଦୀ, ଝାଡ଼ଖଣ୍ଡରୁ କୋଏଲ ନଦୀ ଓ ବେଦବ୍ୟାସ ପାହାଡ଼ ଖୋଲରୁ ନିର୍ଗତ ହେଉଥିବା ଝରଣାକୁ ସରସ୍ୱତୀ ନଦୀ ଭାବେ ପରିଚିତ। ଏହି ତିନୋଟି ନଦୀର ମିଶ୍ରଣ ସ୍ଥଳ ହେଉଛି ବେଦବ୍ୟାସ।

ପବିତ୍ର ନଦୀ ସ୍ନାନରେ ରୋଗ ନିବାରଣ ହୋଇଥିବା ନେଇ ଭିନ୍ନ ଭିନ୍ନ ପୌରାଣିକ କଥନିକାରେ ଉଲ୍ଲେଖ ରହିଛି। ଯମୁନା ନଦୀ ଜଳ ଗଙ୍ଗାଜଳ ପରି ଭାରି ଓ ପରମ ପିତ୍ତହର ହୋଇଥାଏ ଯାହାକି ରୁକ୍ଷ, ବାତକାରକ ସେହିପରି ନର୍ମଦାର ଜଳ ହେଉଛି ଲଘୁ ଶୀତଳ ପ୍ରଶସ୍ତ ଓ ଅତିସ୍ୱଚ୍ଛ। ନର୍ମଦାରେ ସ୍ନାନ ଦ୍ୱାରା ପିତ୍ତ ଓ କଫ ନାଶ ସହ ସର୍ବରୋଗର ହରଣ ହେବାର ବିଶ୍ୱାସ ରହିଛି। ଜଠରାଗ୍ନିବର୍ଦ୍ଧକ ହେଉଛି ପବିତ୍ର ଗୋଦାବରୀର ଜଳ। ଏହା କୁଣ୍ଡିଆ, କୁଷ୍ଠରୋଗକୁ ନାଶ କରିବାରେ ସକ୍ଷମ ହୋଇଥାଏ। ଏହି ନଦୀର ଜଳ ବାତ, ପିତ୍ତ, ହର ଗୁଣ ରଖିବା ସଙ୍ଗେ ଏହା ପାପନାଶକ, ତ୍ରିଦୋଷହର ଓ ତୃଷ୍ଣା ନିବାରଣ କରିଥାଏ। ସେହିପରି କୃଷ୍ଣାବେଣୀ ନାମକ ନଦୀର ଜଳ ଶୀତଳ, ରୁକ୍ଷ ଓ ଲଘୁ। କାବେରୀ ନଦୀର ଜଳ ପଥ୍ୟ, ବଳବୃଦ୍ଧିକାରକ ଓ ଆମ ନାଶକ। ଏହାସହ ନଦୀ ସ୍ନାନର ଭିନ୍ନ ଆଧ୍ୟାତ୍ମିକ ବିଶ୍ୱାସ ଭରି ରଖିଥାଏ। ବୋଲବମ୍ ଭକ୍ତମାନେ ଶିବଙ୍କୁ ଜଳ ସମର୍ପଣ ପାଇଁ ପବିତ୍ର ନଦୀଘାଟରୁ ବୁଡ଼ ପକାଇ ପାଦରେ ଯାତ୍ରା କରିଥାନ୍ତି। ଧର୍ମ ମାସ କାର୍ତ୍ତିକରେ ବୁଡ଼ ପକାଇ ସ୍ନାନ, ତର୍ପଣ ସହ ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଆଯାଇଥାଏ। ପୁରୀର ନରେନ୍ଦ୍ର ପୁଷ୍କରଣୀ, ଭୁବନେଶ୍ୱରର ବିନ୍ଦୁସାଗର କ୍ଷେତ୍ରରେ ପିଣ୍ଡଦାନ ଦିଆଯାଇଥାଏ। ସେହିପରି ହବିଷ୍ୟାଳୀମାନେ ସ୍ନାନ କରି ରାଇଦାମୋଦର ପୂଜା କରନ୍ତି। ପଞ୍ଚୁକ ପାଞ୍ଚଦିନ ପ୍ରତ୍ୟୁଷରୁ ବୁଡ଼ ପକାଯାଇ ଦେବାଦେବୀଙ୍କ ଦର୍ଶନ କରାଯାଏ। ସେହିପରି ପବିତ୍ର ଗଙ୍ଗା ଓ ଯମୁନା ପରି ପୁରୀର ମହୋଦଧି ସ୍ନାନ ମଧ୍ୟ ପବିତ୍ର। ଏହି ମହୋଦଧିକୁ ତୀର୍ଥରାଜ କୁହାଯାଏ। ଲକ୍ଷ ଲକ୍ଷ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମହୋଦଧିରେ ସ୍ନାନ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି। ସେହିପରି ମକର ସଂକ୍ରାନ୍ତି ଅବସରରେ ଯାଜପୁରର ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧଘାଟରେ ବାରୁଣୀ ସ୍ନାନ ହୋଇଥାଏ। ଏତଦ୍ ବ୍ୟତୀତ ମକର ସଂକ୍ରାନ୍ତିରେ ଖୋର୍ଦ୍ଧା ସନ୍ନିକଟ ଅତ୍ରି ଉଷ୍ମପ୍ରସ୍ରବଣରେ ଲୋକବିଶ୍ୱାସକୁ ନେଇ ଯେଉଁମାନେ ସନ୍ତାନ ଆବଶ୍ୟକ କରିଥାନ୍ତି ସେମାନେ ପ୍ରତିବର୍ଷ ଏହି ଦିନରେ ଉଷ୍ମପ୍ରସ୍ରବଣ କୁଣ୍ଡରେ ବୁଡ଼ ପକାଇ ତାହା ଭିତରେ ଗୁଆ ଖୋଜାଯାଏ। ଅଧିଶ୍ୱର ହଟକେଶ୍ୱରଙ୍କୁ ଦର୍ଶନ କରି ସନ୍ତାନ ପ୍ରାପ୍ତି ନିମିତ୍ତ ଗୁଆ ପାଇଥିବା ମହିଳାମାନେ ପୂଜାର୍ଚ୍ଚନା କରନ୍ତି। ସେହିପରି ଉତ୍ତରପ୍ରଦେଶର ଇତିହାସ ଓ ପୌରାଣିକ କିମ୍ବଦନ୍ତୀର କ୍ଷେତ୍ର ମଥୁରାରେ ଥିବା କୃଷ୍ଣକୁଣ୍ଡ ଓ ରାଧାକୁଣ୍ଡରେ ସ୍ନାନ ତର୍ପଣ କାର୍ଯ୍ୟ କରାଯାଏ। ନିଃସନ୍ତାନ ଦମ୍ପତିମାନେ କାର୍ତ୍ତିକ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି କୁଣ୍ଡରେ ସ୍ନାନ କରି ପୂଜାର୍ଚ୍ଚନା କରିଥାନ୍ତି। ଆଧ୍ୟାତ୍ମିକ ଚେତନା, ବିଶ୍ୱାସ ଓ ଲୋକକଥାକୁ ନେଇ ପବିତ୍ର ସ୍ନାନ ହେଉଛି ହିନ୍ଦୁ ଆଚାର ବିଚାର ପଦ୍ଧତିର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ।


ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ:୯୪୩୭୦୫୧୯୫୭


# କରୋନା ଭୂତାଣୁର ଜନ୍ମ ତଦନ୍ତ ହେଉ

## ସୌଭାଗ୍ୟ ରଂଜନ ମହାନ୍ତି



ଭାରତ ସମେତ ବିଶ୍ୱର କେତେକ ଦେଶରେ ଏଚ୩ଏନ୨ ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇବା ଯୋଗୁଁ ଏବେ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯିବା ସ୍ୱାଭାବିକ। କେବଳ ଏଚ୩ଏନ୨ ଭୂତାଣୁ ନୁହେଁ, ଏହା ସହ ତାଳଦେଇ କରୋନା ଓ ସ୍ୱାଇନ୍ ଫ୍ଲୁ ଭୂତାଣୁ ମଧ୍ୟ ଉପର ମୁହାଁ ହୋଇଛି। କହିବା ବାହୁଲ୍ୟ ଯେ, ଦୀର୍ଘ ଦୁଇବର୍ଷ ଧରି ମହାମାରୀ କରୋନାର ତାଣ୍ଡବରେ ସମଗ୍ର ବିଶ୍ୱ ଠପ ହୋଇଯାଇଥିଲା। ବିଶ୍ୱର ୨୧୪ଟି ରାଷ୍ଟ୍ରରେ ୬୦କୋଟିରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୧୦କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। କେବଳ ସଂକ୍ରମଣ ଓ ମୃତ୍ୟୁ ମଧ୍ୟରେ କରୋନାର ତାଣ୍ଡବ ସୀମିତ ରହିନଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଠାରୁ ଆରମ୍ଭ କରି ସାଧାରଣ ଜୀବନଯାତ୍ରୀ ପର୍ଯ୍ୟନ୍ତ ଠପ୍ ହୋଇଯାଇଥିବା ବେଳେ ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଥିଲା। ଏବେ ବି ଅର୍ଥନୀତି ମହାମାରୀର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳି ପାରି ନଥିବାବେଳେ ବହୁ ବିକଶିତ ରାଷ୍ଟ୍ରରେ ଅର୍ଥନୀତି ମାନ୍ଦାଗ୍ରସ୍ତ ହୋଇଛି। ଆହୁରି ମଧ୍ୟ ମହାମାରୀର ଲହର ସମୟରେ ବେକାରୀ, ବେରୋଜଗାରୀ ଶୀର୍ଷରେ ପହଁଚିଥିବା ସମୟରେ ଏବେ ବି ଏହାର ପ୍ରଭାବ ଲାଗି ରହିଛି। ବିଶ୍ୱ ବହୁ ବହୁରାଷ୍ଟ୍ରୀୟ କମ୍ପାନୀ ପ୍ରତିଦିନ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିବା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ମହାମାରୀ ମୁକାବିଲା ପାଇଁ ବିଭିନ୍ନ ରାଷ୍ଟ୍ରରେ ଟିକା ଉଦଭାବନ ହୋଇଛି। ସାର୍ବଜନୀନ ଟିକାକରଣ ଥରେ ନୁହେଁ ତିନି ଥର ଲେଖାଏଁ ହୋଇଛି। ଏହା ସତ୍ତ୍ୱେ ମହାମାରୀର ସଂକ୍ରମଣ ଥମିଚି, କିନ୍ତୁ ସମ୍ପୂର୍ଣ୍ଣ ଅନ୍ତ ଘଟିନାହିଁ। ଆମକୁ ମହାମାରୀ ମଧ୍ୟରେ ବଂଚିବାକୁ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ବାରମ୍ୱାର ଚେତାବନୀ ଦେଇଛନ୍ତି। କିନ୍ତୁ ମଧ୍ୟରେ ମହାମାରୀ କରୋନାର ସଂକ୍ରମଣକୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହାର ଉତ୍ପତି ପାଇଁ କାହାରିକୁ ଉତରଦାୟୀ କରାଯାଇପାରିନାହିଁ। ଚୀନର ଉହାନ ସହରର ଏକ ପରୀକ୍ଷାଗାରରୁ ଏହାର ଉତ୍ପତି ହୋଇଥିବା ନେଇ ବିଭିନ୍ନ ସମୟରେ ରିପୋର୍ଟ ମାନ ପ୍ରକାଶ ପାଇଥିବା ସତ୍ତ୍ୱେ ଚୀନକୁ ସିଧାସଳଖ ଭାବେ ଏଥିପାଇଁ ଦାୟୀ କରାଯାଇପାରିନାହିଁ। ବିଶ୍ୱରେ ଶାନ୍ତି, ସ୍ଥିରତା, ସଦଭାବ ବଜାୟ ରଖିବା ଲାଗି ବିଶ୍ୱ ଅଦାଲତଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ବହୁ ସଂସ୍ଥା ରହିଥିବା ସତ୍ତ୍ୱେ ଏନେଇ ବିଶ୍ୱ ସଂସ୍ଥା ଗୁଡିକ କାହିଁକି ନୀରବ, ବୁଝାପଡୁନାହିଁ। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ମୁଖ୍ୟ କରୋନା ଭୂତାଣୁର ଜନ୍ମ ରହସ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି ଯାହାକି ସାଂପ୍ରତିକ ସମୟରେ ଏକ ନୈତିକ ଆବଶ୍ୟକତା ବୋଲି କହିଛନ୍ତି। ଯାହାକି ଆଦୌ ଅଯର୍ଥାର୍ଥ ନୁହେଁ। ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ଶକ୍ତି ବିଭାଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଚୀନର ଏକ ଲାବୋରୋଟୋରୀରୁ ଅଣ ଉଦ୍ଦେଶ୍ୟମୂଳକ ଭାବେ କରୋନା ଭୂତାଣୁ ଲିକ ହୋଇଥିଲା। ଏହା ସତ୍ତ୍ୱେ କେତେକ ବିଜ୍ଞାନୀ ଧରି ନେଇଛନ୍ତି ଯେ, କରୋନା ଭୂତାଣୁ ପଶୁଙ୍କ ଠାରୁ ମଣିଷ ଶରୀରରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଚୀନ ମଧ୍ୟ ଜାଣିଶୁଣି କରୋନା ଭୂତାଣୁର ଉତ୍ପତିର ତଦନ୍ତ ଉପରେ ପ୍ରାଚେରୀ ନିର୍ମାଣ କରିଦେଇଛି। ଯେଉଁଥିପାଇଁ କି ଭୂତାଣୁର ଜନ୍ମ ଏବେ ବି ଅନ୍ଧକାରରେ ରହିଯାଇଛି। ସ୍ମରଣଯୋଗ୍ୟ ଯେ, କରୋନା ଭୂତାଣୁର ଜନ୍ମ ସମ୍ପର୍କରେ ତଦନ୍ତ ପାଇଁ 'ହୁ'ଏକ ଅନୁସନ୍ଧାନକାରୀ ଟିମ୍ ୨୦୨୧ ମସିହା ପ୍ରାରମ୍ଭରେ ଉହାନ ସହରକୁ ଯାଇଥିବାବେଳେ ଚୀନ ସରକାର ଜାଣିଶୁଣି ଅସହଯୋଗ କରିଥିଲେ। ଯାହା ଫଳରେ ତଦନ୍ତ ବାଧାପ୍ରାପ୍ତ ହୋଇଥିଲା। ଏପରିକି ମଧ୍ୟ ତଦନ୍ତକାରୀ ଟିମକୁ ସ୍ୱାଧୀନ ଭାବ ବୁଲିବା, ଲୋକ ଓ ରୋଗୀଙ୍କ ଠାରୁ ବ୍ୟାନ ଦେବା ପାଇଁ ଚୀନ ଅନୁମତି ଦେଇନଥିଲା। ତଦନ୍ତ ରିପୋର୍ଟ ଏବେ ବି ଅସମ୍ପୂର୍ଣ୍ଣ ହୋଇଥିଲା ସେହି ୨୦୨୧ରେ ହୁ'ର ତଦନ୍ତକାରୀ ଟିମ ଦ୍ୱିତୀୟ ଥର ପାଇଁ ଯିବାକୁ ଚାହିଁଥିବା ସତ୍ତ୍ୱେ ଚୀନ ସରକାର ଅନୁମତି ଦେଇନଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ, କରୋନା ଭୂତାଣୁର ଜନ୍ମ ନେଇ ଚୀନ କିଛି ଲୁଚାଇବାକୁ ଚାହୁଁଛି। ଯଦି ଆମେରିକାର ଶକ୍ତି ବିଭାଗର ରିପୋର୍ଟ ଅନୁଯାୟୀ ଯଦି ପରୀକ୍ଷାଗାରରୁ କରୋନା ଭୂତାଣୁ ଲିକ୍ ସତ୍ୟ ହୋଇଥାଏ, ତେବେ ମହାମାରୀକୁ ମାନବ କୃତ ବୋଲି ନିସନ୍ଦେହରେ କୁହାଯାଇପାରିବ। ମହାମାରୀ ଯଦି ମାନବକୃତ ହୋଇଥାଏ, ତେବେ ବିଶ୍ୱ ନିକଟରେ ଏବେ ଦୁଇଟି କଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ ଲାବୋରୋଟୋରୀରେ ବ୍ୟବହାରତ୍ମକ ଭୂତାଣୁ ଗବେଷଣାକୁ ନିଷିଦ୍ଧ କରିବା ପାଇଁ ଆନ୍ତର୍ଜାତିକ ସହଭତ ଭିତିରେ ନିଷ୍ପତି ଗ୍ରହଣ ଜରୁରୀ। ଦ୍ୱିତରୟ କରୋନା ଭୂତାଣୁ ଜନ୍ମ ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରହିବା ଆବଶ୍ୟକ। ଉଦ୍ୟାନ ପରୀକ୍ଷାଗାର ଯଦି କରୋନା ଭୂତାଣୁର ଜନ୍ମ ସ୍ଥାନ ହୋଇଥାଏ, ତେବେ ଚୀନକୁ ଉତରଦାୟୀ କରାଯବା ଜରୁରୀ। ସ୍ରାଂପତିକ ସମୟରେ ହୁ ମୁଖ୍ୟାଙ୍କ ଦାବି ଅଯର୍ଥାର୍ଥ ନୁହେଁ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯







## ମୋ ଗାଆଁ

### ଦୀପକ କୁମାର ନାଏକ

ହଜିଲା କେଉଁଠି ମୋର ଗାଆଁ ମାଟି
ଖୋଜିଲେ ପାଉନି ମୁହିଁ
ଯୁଆଡ଼େ ଚାହିଁଲେ ଯୁଆଡ଼େ ବି
ଗଲେ
କଂକ୍ରିଟ୍ ପିଚୁ ଦେଖଇ !!

କୁଆଡ଼େ ଗଲା ସେ ପାହାଡ଼ ଜଙ୍ଗଲ
କୁଆଡ଼େ ଗଲା ସେ ଝରଣା
ଯେତେ ଖୋଜିଲେ ବି ମିଳେ ନାହିଁ
ଯମା
ତା ଉତ୍ତର ଖୋଜି ପାଏନା !!

ମିଳେ ନାହିଁ ଏଠି କାଦୁଅ ରାସ୍ତାକୁ
ବଡ଼ ବଡ଼ ଢିମା ପଥର
ବେଳେବେଳେ ଭାବେ ମୋ ଗାଁ
ମାଟିର
ବଦଳିଗଲା କି ଆକାର !!

ସତ ନୁହେଁ ଇଏ ସପନ ବୋଲିରେ
ଜାଣି ମୁଁ ପାରିଲି ଯେବେ
ମନ ମୋ କହୁଛି ଚାଲ୍ ସହର ଛାଡ଼ି
ଗାଁକୁ ଯିବାରେ ଏବେ !!

ମନେ ପଡ଼ି ଗଲେ କଥା ତୋର ଆଜି
ଲାଗେନା ରେ ଭଲ ସହର
ଇଛା ହୁଏ ଫେରି ଯିବାକୁ ତୋ
ପାଶେ
ଖେଳିବାକୁ ବାଲି ଘର
ଖେଳିବାକୁ ବାଲି ଘର !!


ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ-୭୫୯୦୨୧
ମୋ: ୮୬୩୭୨୬୧୮୨୮


## ଫଗୁଣ ସରିଲେ ଚଇତ ଆସେ

### ଜଗଦୀଶ ସାହୁ



ଫଗୁଣ ସରିଲେ ଚଇତ ଆସେ
ମଲ୍ଲିଫୁଲ ଫୁଟି ମହକି ବାସେ
ନବ ପଲ୍ଲବରେ ପାଦପ ହସେ
ସବୁଜ ସୁନ୍ଦର ଧରଣୀ ଦିଶେ !
ଅଳପ ଅଳପ ଆସେ କୁହୁଡ଼ି
ଚାହୁଁ ଚାହୁଁ ସିଏ ପଳାଏ ଛାଡି
କଖାରୁ କଲରା ଭେଣ୍ଡି କାକୁଡ଼ି
ପରିବାରେ ଶୋଭା ଦିଶଇ ବାଡ଼ି !
ଧୀରେ ଧୀରେ ଖରା ତେଜ ବଢ଼ଇ
ପଖାଳ କଂସାକୁ ମନ ଲୋଡଇ
ପବିତ୍ର ରାମନବମୀ ପଡଇ
ଭକ୍ତ ଭଗବାନ ଭାବ ଯୋଡଇ !
ଲିମ୍ବ ଚକୁଳିଟି ଦେହକୁ ହିତ
ପାଣି ହୋଇଯାଏ ପରମ ମିତ
ତାରିଣୀ ପୀଠରେ ଚଇତି ଯାତ
ଆସ ଦେଖିଯିବା ସହି ସଙ୍ଗାତ !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୨୬


## ନାରୀ

### ସୁରେନ୍ଦ୍ର ନାଥ ସାହୁ

ନାରୀ,
ଦୁନିଆ ପାଇଁ ସୌଭାଗ୍ୟ ।
ଯିଏ ତାକୁ ପାଖରେ ପାଇ ବି
ଆଦର କରିବା ଜାଣିନି
ସେ ନିତ୍ୟାନ୍ତ ହତଭାଗ୍ୟ।
ନାରୀ,
ସୃଷ୍ଟିର ମଙ୍ଗଳ ଉଦ୍ଦେଶ୍ୟ।
ତା'ମହତ୍ତ୍ୱକୁ ବୁଝି ନପାରିଲେ
ଆଜନ୍ମ ଦୁଃଖ ଦୁର୍ଦ୍ଦଶା
ଭୋଗିବ ଅବଶ।
ନାରୀ,
ଜନ୍ମାଇ ଥାଏ ଜୀବନ।
ପୁରୁଷ ସବୁ କରି ପାରିବେ
ହେଲେ କରି ପାରିବେ ନାହିଁ
କେବେ ହେଲେ ପ୍ରଜନନ।
ନାରୀ,
ପ୍ରତ୍ୟେକ ଘରର ଇଜତ।
କେବଳ ପୁରୁଷ ନୁହେଁ
ନାରୀ ବି ନାରୀର
ବୁଝିବା ଦରକାର ମହତ।
ନାରୀ,
ଆମ ସମାଜର ବଡ ସମ୍ମାନ।
ଯେଉଁ ସମାଜରେ ନାରୀକୁ
ଯଥାର୍ଥ ସମ୍ମାନ ମିଳେନା
ସେ ସମାଜର ହୁଏ ପତନ।
ନାରୀ,
ପ୍ରକୃତିର ଶିଖର ସୁନ୍ଦରତା।
ତା ଠାରୁ ଅଧିକ ସୌମ୍ୟତା
ଯେ ଦୁନିଆରେ
କାହାକୁ ଦେଇନି ବିଧାତା।
ନାରୀ,
ସହନ ପୋଷଣ ଓ ମମତା।
ଗୌରବର ବିଷୟ ଏହିକି
ଆମ ସଂସ୍କୃତିରେ ନାରୀକୁ
ମାନନ୍ତି ଦେବୀ ଓ ମାତା।


କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ : ୮୧୨୮୯୧୯୨୫୬


## ମାଆ

### ଦିନେଶ ମେହେର



ଜୀବନର ପ୍ରକୃତ ଭାଷାଟା
ଶିଖେଇ ଦେଇଛୁ ବୋଲି ତ
ଅଠର ବର୍ଷ ହେଲା
ଧାଇଁ ଚାଲିଛି
ସଭ୍ୟତାର ନନ୍ଦିଘୋଷ ପଛେ ପଛେ।

ଆକାଶର ଜହ୍ନକୁ
ରୂପା ଚକୋର ସଜେଇ
କହି ଦେଇଛୁ,
'ହେଇ ଦେଖ୍ ସେ ରୂପା ଚକୋର,
ଦିନେ ସିଏ ବି ତୋ ନିଜର
ଅତି ଆପଣାର ହେବ '।

ସତେ ତ,
ଜିଇଁଲା ଜିଇଁଲା ପରି ଲାଗେ
ତୋ ମୁହଁରୁ ପଦେ କଥା ଶୁଣିଲେ,
ତୋ ଆଖିର କଜଳ ବି ମନେ ପଡେ
ଦୂର ଗାଁ କୁ ଯାତରା ଦେଖି ଗଲା
ବେଳେ,
କଜଳ ନୁହେଁ ତ;
ମୋ ଗାଲରେ ତୋର
ମିଠା ସ୍ୱର୍ଶଟିଏ !

ଜୀବନକୁ,
ଯୌବନ ରେ ପରିବର୍ତ୍ତନ କଲାପରେ
ଏବେ ବେଶ୍ ମନେ ପଡେ
ତୋ ସହ ପିଲାଦିନେ
ବିତେଇଥିବା ଅଲିଭା ଅତୀତ।

ସତରେ,
ଫେରି ଆସନ୍ତା କି'
ସେଇ ତାରୁଣ୍ୟର
ଅଭୁଲା ଅତୀତ,
ପୁଣି ଥରେ
ତୋ ଗେହ୍ଲା ହେଇ ରହି ଯାଆନ୍ତି
ଚିରଦିନ ଲାଗି।


ପଳାସ, କଳାହାଣ୍ଡି।



# ଫୁଲଝରି



ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୧୮ ମାର୍ଚ୍ଚ ୨୦୨୩


## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୦)

### ହନୁମାନଙ୍କ ଗନ୍ଧମାଦନ ପର୍ବତ ଆଣିବା



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଲକ୍ଷ୍ମଣ ଅଚେତ୍ ହୋଇ ଭୂମି ଉପରେ ଶୋଇ ରହିଥିଲେ । ଶ୍ରୀରାମ ଓ ଅନ୍ୟମାନେ ଦୁଃଖରେ ମ୍ରିୟମାଣ ହୋଇ ଲକ୍ଷ୍ମଣଙ୍କୁ ଘେରି ବସିଥିଲେ । ସେଇ ସମୟରେ ସୁଷେଣଙ୍କ କଥା ସମସ୍ତଙ୍କୁ କିଛିଟା ଆଶ୍ୱାସନା ଦେଇଥିଲା ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ । ଶ୍ରୀରାମ ସୁଷେଣଙ୍କ କଥାରେ ଆଶାର ଏକ ଝଲକ ଦେଖିଲେ । ସେ ସଂଗେ ସଂଗେ ସୁଷେଣଙ୍କୁ ବିଶଲ୍ୟକରଣୀ ସମ୍ପର୍କରେ ପଚାରିଲେ ।

ସୁଷେଣ ଗନ୍ଧମାଦନ ନାମକ ପର୍ବତର କଥଶ କହିଲେ, ଯେଉଁଠାରେ ଅନେକ ଔଷଧୀୟ ତରୁଲତାଙ୍କ ଭିତରେ ବିଶଲ୍ୟକରଣୀ ଥିବା କଥା କହିଲେ । "ବିଶଲ୍ୟ-କରଣୀ ବୃକ୍ଷକୁ ଏଠାକୁ ଆଣିଲେ ତାର ଗନ୍ଧ ନାକରେ ବାଜିବା ମାତ୍ରେ ଲକ୍ଷ୍ମଣ ଚେତା ଫେରିପାଇବ ।" ସୁଷେଣଙ୍କ କଥା ଶ୍ରୀରାମଙ୍କ ଚିନ୍ତିତ କଲା ।

ଶ୍ରୀରାମ ଜାଣିଥିଲେ ଲଙ୍କାରୁ ଗନ୍ଧମାଦନ ପର୍ବତ ବହୁତ ଦୂରରେ । ଗୋଟିଏ ରାତିରେ ଏତେ ବାଟ ଯାଇ ବିଶଲ୍ୟକରଣୀ ଗୁଳ୍ମକୁ ଆଣିବା ସହଜ ନୁହେଁ ।



ଶ୍ରୀରାମ ମନ ଦୁଃଖରେ ବସି ରହିଲେ । ଏହି ସମୟରେ ସୁଷେଣ କହିଲେ "ହେ ଶ୍ରୀରାମ, ତୁମ ଭକ୍ତ ହନୁମାନଙ୍କ ଲାଗି କିଛି ଅସମ୍ଭବ ନୁହେଁ, ଆପଣ ତାଙ୍କୁ ଅନୁମତି ଦିଅନ୍ତୁ, ସେ ଲକ୍ଷ ଲକ୍ଷ ଯୋଜନା ବାଟ ଅତିକ୍ରମ କରି ଗନ୍ଧମାଦନ ପର୍ବତରୁ ବିଶଲ୍ୟକରଣୀ ଆଣି ଆସି ପାରିବେ ।"

ଶ୍ରୀରାମ ହନୁମାନଙ୍କ ଆଡ଼େ ଅନେଇଲେ । ସେ ଜାଣନ୍ତି ତାଙ୍କ ପ୍ରିୟ ହନୁମାନଙ୍କ ଲାଗି ସମସ୍ତ କାର୍ଯ୍ୟ ସମ୍ଭବ । ତେଣୁ ସେ ତୁରନ୍ତ ହନୁମାନଙ୍କୁ ଗନ୍ଧମାଦନ ପର୍ବତ ଦିଗରେ ଯାତ୍ରା କରିବାକୁ ଅନୁମତି ଦେଲେ ।

ହନୁମାନ ପ୍ରଭୁ ଶ୍ରୀରାମଙ୍କୁ ପ୍ରଣାମ କଲେ ଓ ତାଙ୍କ ଆଶୀର୍ବାଦ ନେଇ ଯାତ୍ରା ଆରମ୍ଭ କଲେ ।

ଲକ୍ଷ୍ମଣଙ୍କ ଶକ୍ତିଭେଦ କରି ରାବଣ ଖୁସିରେ ଲଙ୍କାପୁରକୁ ଫେରି ଯାଇଥିଲା । ସେ ଭାବୁଥିଲା- ସେ ପୁତ୍ର ଇନ୍ଦ୍ରଜିତର ବଧର ପ୍ରତିଶୋଧ ନେଇଛି । ମାତ୍ର ତା ମନରେ ଅନେକ ଆଶଙ୍କା ଥିଲା । ଇନ୍ଦ୍ରଜିତ୍ ମଧ୍ୟ ଅନେକ ଥର ରାମ ଲକ୍ଷ୍ମଣଙ୍କ ଅଚେତ କରିଥିଲା । ମାତ୍ର ସେମାନେ ସବୁଥର ସୁସ୍ଥ ହୋଇ ପୁଣି ଯୁଦ୍ଧ କରିଥିଲା । ତେଣୁ ରାମ ଓ ତାଙ୍କ ସେନା ଉପରେ ଆଖି ରଖିବାକୁ ସେ ଅନେକ ଗୁପ୍ତଚର ରଖିଥିଲା ।

ଏହି ସମୟରେ ଗୁପ୍ତଚର ଖବର ଦେଲେ ଯେ ହନୁମାନ ବିଶଲ୍ୟକରଣୀ ଆଣିବାକକୁ ଗନ୍ଧମାଦନ ପର୍ବତ ଯାଉଛନ୍ତି । ରାବଣ ଚିନ୍ତିତ ହୋଇ ପଡ଼ିଲା । ସେ ଚାହୁଁଥିଲା- ଲକ୍ଷ୍ମଣଙ୍କ ଲାଗି ବିଶଲ୍ୟକରଣୀ ଗୁଳ୍ମ ନ ଆସିପାରୁ । ତେଣୁ ହନୁମାନଙ୍କ ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିବାକୁକ ସେ ତାର ମାମୁଁ ବୃଦ୍ଧ ଓ ମାୟାବୀ ଅସୁର କାଳନେମୀକୁ ଅନୁରୋଧ କଲା ।

ରାବଣର ଆଦେଶକୁ ଟାଳିବା ଅର୍ଥ ମୃତ୍ୟୁ । ତେଣୁ କାଳନେମୀ ସଂଗେ ସଂଗେ ଗନ୍ଧକାଳୀ ହ୍ରଦ ନିକଟକୁ ଯାଇ ସେଠାରେ ମାୟା ବଳରେ ଏକ ଦିବ୍ୟ ଆଶ୍ରମ ତିଆରି କଲା ଓ ଏକ ସୁନ୍ଦର ଦେଉଳ ମଧ୍ୟ ତିଆରି କଲା ।

ବୀର ହନୁମାନ ଆକାଶ ପଥରେ ଗନ୍ଧକାଳୀ ହ୍ରଦ ଉପରେ ଯାଉଥିଲେ । କାଳନେମୀ ମାୟାରେ ତପସ୍ୱୀ ହୋଇ ହନୁମାନଙ୍କୁ କିଛି ସମୟ ବିଶ୍ରାମ ନେବାକୁ କହିଲା । ହନୁମାନ ଭଣ୍ଡ ତପସ୍ୱୀର ଅନୁରୋଧକୁ ଟାଳି ପାରିଲେନି । କିଛି ସମୟ ବିଶ୍ରାମ ନେବାକୁ ସେଠାରେ ଓହ୍ଲେଇଲେ । କାଳନେମୀର ଅସଲରୂପ ହନୁମାନ ଅଳ୍ପ ସମୟରେ ଜାଣି ପାରିଲେ । ହ୍ରଦକୁ ସ୍ନାନ କରିବାକୁ ଯାଇଥିଲା ବେଳେ ତାଙ୍କୁ ଏକ କୁମ୍ଭୀରିଣୀ ଆକ୍ରମଣ କରିଥିଲା । ହନୁମାନ କୁମ୍ଭିରୀଣୀ ଓ କାଳନେମୀକୁ ବଧ କରି ତାଙ୍କ ଯାତ୍ରା ଅବ୍ୟାହତ ରଖିଥିଲେ ।

ବାଟରେ ଆଉ କିଛି ବାଧାବିଘ୍ନର ସମ୍ମୁଖୀନ ନହୋଇ ହନୁମାନ ଗନ୍ଧମାଦନ ପର୍ବତ ପାଖରେ ପହଂଚିଗଲେ । ମାତ୍ର ଅନେକ ଔଷଧୀୟ ବୃକ୍ଷ ଓ ଗୁଳ୍ମ ମଧ୍ୟରେ ସେ ଜାଣି ପାରିଲେନି- ବିଷଲ୍ୟକରଣୀ ଗୁଳ୍ମଟି କିଏ । ସମୟ ବିତି ଯାଉଥିଲା, ତେଣୁ ହନୁମାନ ଗନ୍ଧମାଦନ ପର୍ବତକୁ ଉପାଡ଼ି ତାକୁ ମସ୍ତକରେ ରଖି ଆକାଶ ମାର୍ଗରେ ଲଂକା ଦିଗରେ ପ୍ରସ୍ଥାନ କଲେ ।

ଆକାଶମାର୍ଗରେ ଲଙ୍କା ଦିଗରେ ଯାଉଥିବାବେଳେ ହନୁମାନ ଅଯୋଧ୍ୟା ଉପରେ ଯାତ୍ରା କରୁଥିଲେ । ମଧ୍ୟରାତ୍ରିରେ ଭରତ ଏପରି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ ଓ ଏକ ଲୌହ ବାଟୁଳି ହନୁମାନଙ୍କ ଦିଗରେ ଫିଙ୍ଗିଥିଲେ । ଲୌହ ବାଟୁଳି ହନୁମାନଙ୍କ ଦେହରେ ବାଜିଥିଲା ଓ ସେ ଗନ୍ଧମାଦନ ପର୍ବତ ସହିତ ଭୂପତିତ ହୋଇଥିଲେ । ଚେତାପାଇ ସେ ଭରତଙ୍କୁ ସବୁ ବିବରଣୀ ଦେଇଥିଲେ । ଭାଇଙ୍କ ଏପରି ଅବସ୍ଥା କଥା ଶୁଣି ଭରତ ଦୁଃଖୀ ହୋଇ ପଡ଼ିଲେ ଓ ଯୁଦ୍ଧକୁ ଯିବାକୁ ଆଗଭର ହେଲେ । ବୀର ହନୁମାନ ଭରତଙ୍କୁ ପ୍ରବୋଧନ ଦେଲେ ଓ କହିଲେ- "ଅଚିରେ ପ୍ରଭୁ ଶ୍ରୀରାମ ରାବଣକୁ ବଧ କରି ଅଯୋଧ୍ୟା ଫେରି ଆସିବେ ।"

ସମୟ ବହୁତ କମ ଥିଲା । ହନୁମାନ ଭରତଙ୍କଠାରୁ ମେଲାଣି ମାଗି ତାଙ୍କ ଯାତ୍ରା ଅବ୍ୟାହତ ରଖିଲେ । ତାଙ୍କ ମସ୍ତକରେ ଥିବା ଗନ୍ଧମାଦନ ପର୍ବତ ତାଙ୍କୁ ଏକ ଫୁଲ ପରି ଲାଗୁଥିଲା । ରାମ ନାମର ମହତ୍ୱ ସେ ଜାଣିଥିଲେ । ରାମ ନାମ ନେଇ ସେ ଅସାଧ୍ୟକୁ ସାଧ୍ୟ କରିଥିଲେ ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ଏକଗୁଆଁ ସୋନୁ



ନଗେନ୍ଦ୍ର ନାଥ ପଟ୍ଟନାୟକ

ସୋନୁ ଭାରି ଅମାନିଆଁ । ପ୍ରତିଟି କଥାରେ ସେ ଏକଜିଦିଆ । କେବେବି ନିଜ ଜନିଷପତ୍ରୁ କାହାକୁ ଦିଏନାଇଁ । ଗଲାବର୍ଷ ଶୀତଋତୁରେ ସେ ହଳଦି ଗୁରୁଗୁରୁ ରଙ୍ଗର ସୁଇଟରଟେ କିଣିଥିଲା । କିନ୍ତୁ ସେ ଯେତେବେଳେ ଦେଖିଲା ତାର ଜଣେ ସାଙ୍ଗ ନେଳିଆ ରଙ୍ଗରେ ସୁଇଟର ପିନ୍ଧିଚି ସେଇ ରଙ୍ଗର ସୁଇଟର କିଣିବା ପାଇଁ ତା ବାପାମାଙ୍କ ଆଗରେ ଜିଦ୍‌ରେ ଅଡିବସିଲା। ମାମା କହିଲେ -ସୋନୁ, ତୋ ହଳଦିଆ ରଙ୍ଗର ସୁଇଟର ପ୍ରାୟ ନୂଆ ଭଳିଆ । ସେଟା ତୋ ଦିହକୁ ଖୁବ୍ ମାନୁଚି । ସୋନୁ ତ ଏକବାଗିଆ ପିଲା, ନଛୋଡବନ୍ଧା । ଯାହା ବୁଝିଥିବ ସେଇଆ । ତେଣୁ ସେ ମୁହଁ ଛିଂଚାଡି ଜିଗର କଲା -ନାଇଁ, ଏ ହଳଦିଆ ରଙ୍ଗର ସୁଇଟର ପୁରୁଣା ଘଷରା ହୋଇଗଲାଣି । ରିଷି ଯୋଉ ନୂଆ ନେଳିଆ ସୁଇଟର ପିନ୍ଧିଚି ମୋର ଅବିକଳ ସେଇ ଭଳିଆ ସୁଇଟର ଆଣି ଦିଅ ।

ମାମା କହିଲେ-କିନ୍ତୁ ସୋନୁ, ତୁ ପରା ତୋ ମନପସନ୍ଦର ଏଇ ହଳଦିଆ ସୁଇଟରଟି କିଣିଥିଲୁ । ସେଥିରେ ପୁଣି ସେ ରଙ୍ଗର ସୁଇଟରଟି ତୋର ଅତିପ୍ରିୟ । ସେମିତି ତା ବାପା ବି ତାକୁ ବୁଝାଇବାକୁ ଚେଷ୍ଟାକଲେ । ଶେଷରେ ତା ବାପାମା ସୋନୁର ଜିଦ୍ ଆଗରେ ମୁଣ୍ଡ ନୁଆଁଇବାକୁ ବାଧହେଲେ ।

ସେଦିନ ଛାଇଲେଉଟା ବେଳେ ସୋନୁକୁ ସାଙ୍ଗରେ ଘେନି ବାପାମା ମେଳାକୁ ଗଲେ । ଆଉ ତା ମନପସନ୍ଦର ସୁନ୍ଦୁ ନୂଆ ନେଳିଆ ସୁଇଟରଟିଏ କିଣିଦେଲେ । ମେଳାରୁ ବାହାରି ଆସି ସେମାନେ ଗୋଟେ କଡରେ ଛିଡାହୋଇ କାର ଆସିବାକୁ ଅପେକ୍ଷା କଲେ । ହଠାତ୍ ସୋନୁର ନଜର ଲାଖିଗଲା ପାଖରେ ଖେଳନା ବିକୁଥିବା ଗରିବ ପିଲାଟି ଉପରେ । ପିଲାଟି ବହଳେ ମଇଳା ଲାଗିଥିବା ଛିଣ୍ଡା ସାତସିଆଁ ପ୍ୟାଂଟ ଆଉ ସାର୍ଟ ପିନ୍ଧିଥାଏ । ଆଉ ସେ କଲିଜାଥରା ଶିତରେ ଥୁରୁଥୁରୁ ହୋଇ ଥରୁଥାଏ । ଗରିବ ପିଲାଟି କହିଲା- ତୁମେ ମୋ ଖେଳନା କିଣିବ କି ? ମୁଁ ମୋ ସାନ କୁନି ଭଉଣୀଟି ପାଇଁ ସେଇ ଟଙ୍କାରେ ସୁଇଟରଟିଏ କିଣନ୍ତି । କିଛି ସମୟ ପାଇଁ ତାକୁ ବଲବଲ ଆଖିରେ ଅନାଇଲା ସୋନୁ । ତାପରେ ସେ ତା ମାମାକୁ ଚାହିଁ କହିଲା -ଦେଖ ମାମା,ଏ ପିଲାଟି ବିଚରା ହାଡଭଙ୍ଗା ଶୀତରେ କେମିତି ଥରୁଚି ।

ମାମା କହିଲେ -ହଁ, ତା ନିଜର ତ ସୁଇଟରଟେ ନାଇଁ, ତଥାପି ତାର କୁନି ଭଉଣୀଟି ପାଇଁ ସେ ଖୁବ୍ ଚିଂତ । ସୋନୁ ସାଙ୍ଗେ ସାଙ୍ଗେ ତାର ସେଇ ନୂଆ ନେଳିଆ ସୁଇଟରଟିକୁ ତା ହାତକୁ ବଢାଇଦେଲା । କହିଲା, ହେଇ ନେଏ ଏ ସୁଇଟରଟି । ମୁଁ ଏଟାକୁ ତୋତେ ଉପହାର ରୂପେ ଦେଲି । ହେଲେ ପିଲାଟି ହସିବା ବଦଳରେ ମୁହଁ ଶୁଖାଇ ଚୁପଚାପ ଛିଡାହେଲା । ଏଥର ସୋନୁ ତା ମନକଥା ବୁଝିପାରିଲା । ସେ ବାପାମାଙ୍କୁ କହିଲା -ତୁମେ ତା ଭଉଣୀ ପାଇଁ ଗୋଟେ ନୂଆ ସୁଇଟର କିଣିଦିଅ । ସୋନୁର ଆଚରଣରେ ଏଭଳି ପରିବର୍ତ୍ତନ ଦେଖି ବାପାମା ଅତ୍ୟନ୍ତ ଖୁସି ହୋଇଗଲେ । ତତକ୍ଷଣାତ ପିଲାଟିର କୁନି ଭଉଣୀ ପାଇଁ ନୂଆ ସୁଇଟରଟେ ଖରିଦ କରିଦେଲେ । ଏଥର ପିଲାଟି ଖୁସିରେ ଗଦଗଦ ହୋଇଉଠିଲା । ସେଇଦିନୁ ସୋନୁ ଆଉ ଅବାଧ ହେଲାନାଇଁ । ସମ୍ପୂର୍ଣ୍ଣ ଭାବେ ସୁଧୁରିଗଲା । ଆଉ ଅସହାୟ ଲୋକଙ୍କୁ ସହାୟତାର ହାତ ବଢାଇଲା ।

+ଓସ୍କାର ସିଟି, ପ୍ଲଟ ନଂ-୯
ଲକ୍ଷ୍ମୀସାଗର କେନାଲରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



## ଭଲ କାମେ ଶଙ୍କା କାହିଁକି ?

### ଅଶୋକ କୁମାର ପ୍ରଧାନ

କୁନା ପଚାରିଲା ଚଇତ ଆସିଲେ
କିଆଁ ଖରା ଟାଣ ହେଉଛି
ବାଟେ ଘାଟେ ଆଉ ରହି ହେଉନାହିଁ
ଉତ୍ତାପେ ପରାଣ ନେଉଛି ।
ବିଲବାଡି ଜଳ ଶୁଖି ଯାଇ କିଆଁ
ମାଟି ଫାଟି ଆଁ କରଇ
ଏ ବେଳରେ କାହିଁ ପଥିକ ଭାଇଟି
ଦୂରକୁ ଯିବାକୁ ଡରଇ ।
ଗଛବୃଛ କିଆଁ ଝାଉଁଳି ଯାଆନ୍ତି
ନିଜ ନିଜ ରୂପ ହଜେଇ
ଏ ଖରା ଏମିତି ଧରଣୀକୁ କାହିଁ
ଶିରୀହୀନେ ଦିଏ ସଜେଇ ।
ଏତେ କଥା ଶୁଣି କୁନାର ପାଟିରୁ
କହେ ମୁନା ପାଟି ଖନେଇ
ଗଛ ଅଭାବରୁ ଏ ଦଶା ଆମର
କି କହିବି ସାଙ୍ଗ ବନେଇ ।
ଦେଖି ପାରୁନୁକି କାରଖାନା କୋଠା
ନିତି କେତେ ଗଢି ଉଠଇ
କଳାମେଘ ପରି ଧୂଆଁ ଆକାଶରେ
ମାଳ ମାଳ ହୋଇ ଛୁଟଇ ।
ଧାଡି ଧାଡି ଗାଡି ମଟର ଶବଦେ
ପରିବେଶ ନଷ୍ଟ ହୁଅଇ
ପ୍ରଗତି ନାଆଁ ରେ ଯାହା ସବୁ ହୁଏ
ସେ କୋଉ ସୁଖକୁ ନୁହଁଇ ।
ଗଛ ବିନା ଏଇ ପରିବେଶ ଆମ
ଭିତରେ ଅଶାନ୍ତି ଭରଇ
ସେଥିପାଇଁ ଏବେ ଆକାଶରୁ ଖାଲି
ଡହ ଡହ ଖରା ଝରଇ ।
ଗଛ ନାହିଁ ବୋଲି ଜଳ ବାୟୁ ମାଟି
ସବୁ ପ୍ରଦୂଷଣ ହେଲାଣି
ସୁଖ ଶାନ୍ତି ଶିରୀ ଆମରି ଧାମରୁ
କେବେଠୁ ବିଦାୟ ନେଲାଣି ।
ଗଛ କାଟି ବଣ ପଦା ହୋଇବାରୁ
ଶିରିହୀନ ଲାଗେ ଧରଣୀ
ଗଛ ବିନା କିଆଁ ହସିକି ଉଠିବ
ଆମରି ଜୀବନ ସରଣୀ ।
ସଚେତନ ଆମେ ସଭିଏଁ ହୋଇକି
ଗଛ ପୋତି କଲେ ଯତନ
ଭବିଷ୍ୟତ ଆମ ଶୁଭମୟ ହେବ
ଲେଉଟିବ ଶାନ୍ତି ରତନ ।
ଲୋକଟିଏ ଲାଗି ଗଛଟିଏ ଲୋଡା
ଜଣେ ଜଣକର ପାଇଁକି
ସେ ଲାଗି ସଭିଏଁ ଗଛ ଲଗାଇବା
ଭଲ କାମେ ଶଙ୍କା କାହିଁକି ?

+ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ÷ ୮୨୪୯୧୧୯୧୩୦

## ଆ'ରେ ମିତ ଆ'

### କୀର୍ତ୍ତନ ସାହୁ

ଆ' ରେ ମିତ ଆ'
ଗାଆଁ ଆଡ଼େ ଟିକେ ଆ ' ।
ଦେଖିବୁ ସବୁଜ ବନ
ଖୁସି ହେଇଯିବ ମନ ।
ଗାଆଁ ମୁଣ୍ଡ ବୁଲି ଯିବୁ
ବିଲ ଆଡ଼େ ଅନାଇବୁ ।
ଚାଷୀ କାମେ ଲାଗି ଥିବ
ଖାଦ୍ୟ ସିଏ ଯୋଗାଇବ ।
ନଈ ଆଡ଼େ ବୁଲି ଯିବୁ
ମାଛ ଧରା ତୁ ଦେଖିବୁ ।
ଯିବୁ ତୁ ତନ୍ତ ସାହିକୁ
ଲୁଗା ବୁଣା ଦେଖିବାକୁ ।
କାଠର କେତେ ଜିନିଷ
କରି ମିସ୍ତ୍ରୀଙ୍କ ହରଷ ।
ସ୍କୁଲ ଆଡ଼େ ଟିକେ ଯିବୁ
ପାଠ ପଢାକୁ ଦେଖିବୁ ।
ସୁନ୍ଦର ତା ପରିବେଶ
ପାଠ ପଢା ବି ସରସ ।
ଗାଆଁର ଶିବ ମନ୍ଦିର
ପୂଜକଙ୍କ ମିଠା ସ୍ୱର ।
କମାର ଶାଳକୁ ଯିବୁ
ଲୁହା କାମକୁ ଦେଖିବୁ ।
ଗାଆଁର ଲୋକେ କର୍ମଠ
କେଉଁଥିରେ ନାହିଁ ମଠ ।
ନିଜ କାମ କରି ଯିବା
ଆମେ ବି ଖୁସି ରହିବା ।

+ମିଶ୍ର କଲୋନୀ
ଶାଳପଡା , କେନ୍ଦୁଝର - ୨୦
ମୋ: ୯୪୩୮୪୧୪୭୦୧

## ଜେଜେ କହିଲେ ଗପ...

### ରାମଚନ୍ଦ୍ର ବେହେରା

ଜେଜେ କହିଲେ
ଭାରି ଶ୍ରଦ୍ଧାରେ
ଶୁଣିବ ପିଲେ ଗପ
ମନ ଆନନ୍ଦେ
ଆସିଲୁ ଧାଇଁ
ପାରି ବସିଲୁ ସପ ।
ଜେଜେ କହିଲେ
ଖାଇବା କାଳେ
କରିବ ନାହିଁ ଅଳି
ସାଂଗ ସାଥୀଂକ
ମେଳରେ କେବେ
କରିବ ନାହିଁ କଳି ।
ଗୁରୁଜନଂକ
କଥାକୁ ମାନି
କରିବ ନିତ୍ୟ କାମ
ପଢିବା ବେଳେ
ଧ୍ୟାନ ରଖିଲେ
ନିଶ୍ଚେ ବିଜୟ ଜାଣ ।
ଖେଳିବା ବେଳେ
ଖେଳିବ ତୁମେ
ପାଖ ପଡିଆ ଯାଇଁ
ସଂଜ ନଇଁଲେ
ପ୍ରାର୍ଥନା ପାଇଁ
ଆସିବ ତୁମେ ଧାଇଁ ।
ପ୍ରାର୍ଥନା ସାରି
ବିଦ୍ୟା ଅଭ୍ୟାସ
କରିବ ପୁନର୍ବାର
ମାଆ ଡାକିଲେ
ଭୋଜନ ସାରି
ଶୋଇଯିବ ସଅଳ ।
ବଡି ଭୋର୍‌ରୁ
ଯେ ଛାଡେ ଶେଯ
ରୁହେ ସୁସ୍ଥ ସବଳ
ପ୍ରତିଦିନ ଯେ
ସ୍କୁଲ ଯାଏ
ବଢେ ତା' ଜ୍ଞାନ ବଳ ।
ଗୁରୁଂକ କଥା
ମାନଇ ଯିଏ
ପାଏ ସବୁରି ଶ୍ରଦ୍ଧା
ପ୍ରଭୁଂକ କୃପା
ମିଳଇ ତାକୁ
ନଛୁଏଁ କିଛି ବାଧା ।
ଆଜି ଏତିକି
କାଲିକି ପୁଣି
କହିବି ନୂଆ କଥା
ଜେଜେଂକ କଥା
ଶୁଣି ପିଲାଏ
ନୁଆଁଇ ଦେଲେ ମଥା ।

+ତେନ୍ତୁଳିପଦା,
ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## କବିତା

ତୁମ ପାଇଁ

## ପରୀକ୍ଷାକୁ ଆମେ ଡରିବା ନାହିଁ

### ଦୀପକ କୁମାର ମିଶ୍ର

ଯିବାକୁ ତ ଅଛି ଅନେକ ଦୂର
ପରୀକ୍ଷା ତ ଏକ ସହଜ ଯୁଦ୍ଧ
ଜୀବନ ଯୁଦ୍ଧର ଆମେ ସାରଥୀ
ହାରିବାନି ନେବା ବଜ୍ର ଶପଥ ।

ମନ ଦେଇ ଯଦି ପଢ଼ିଛେ ପାଠ
ପଥ ଦିନେ ହେବ ଆମ ସୁଗମ
ସଂଖ୍ୟା ମଣିଷକୁ କାହୁଁ ମାପିବ
ଜୀବନ ନିଶ୍ଚୟେ ହେବ ଉତ୍ତମ ।

ଜ୍ଞ୍ୟାନକୁ କରିବା ଜୀବନ ସାଥି
ଅଜ୍ଞାନ ଠୁଁ ଆମେ ଯିବା ଦୁରେଇ
ଜହ୍ନ ଆକାଶର ତାରକା ଆମେ
ଯିବନି ପରୀକ୍ଷା ଜମା ବଳେଇ ।

ଜୀବନର ଯାତ୍ରା ବହୁତ ବ୍ୟାପ୍ତ
ପରୀକ୍ଷାରେ ନୁହେଁ ତାହା ଆବଦ୍ଧ
ଭୁଲ ନିଷ୍ପତି କିଛି ନେବାନି ଆମେ
ଜୀବନ ଠୁଁ ବଡ଼ ନୁହେଁ ଯେ ଯୁଦ୍ଧ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଫୁଲ ଭିତରେ ମୁଁ ମଲ୍ଲୀ

### ଧ୍ରୁବ ଚରଣ ଘିବେଲା

ଫୁଟି ଆସିଲାଣି ମଲ୍ଲୀ
ବାଡ଼ି ବଗିଚାରେ
ସହର ପାର୍କରେ
ଭରପୁର ହସି ଖେଳି ।

ଫୁଟି ଦିଶିଲାଣି ମଲ୍ଲୀ
ଖରାଦିନେ ଫୁଟେ
ବାସ ତା'ଠୁ ଛୁଟେ
ଆସପାଶ ଯାଏ ଭରି ।

ଫୁଟି ହସିଲାଣି ମଲ୍ଲୀ
ହସରେ ମହକ
ରଙ୍ଗରେ ଚମକ
ଖରାଦିନିଆ ସୁନ୍ଦରୀ ।

ଫୁଟି ଝୁଲିଲାଣି ମଲ୍ଲୀ
ଥିରି ପବନରେ
ଖେଳି ତା' ସାଥିରେ
ବଢ଼ାଏ ବଗିଚା ଶିରୀ ।

ଫୁଟି ବାସିଲାଣି ମଲ୍ଲୀ
ଧରା ଅଗଣାର
ଶୋଭାର ସମ୍ଭାର
ବାଢ଼ିଲାଣି ହସି ମଲ୍ଲୀ ।

ଫୁଟି ଚାହିଁଲାଣି ମଲ୍ଲୀ
ଆଖିକୁ ଚରାଟି
କହେ ପୁଣି ଦେଖି
କିଏ ହେବ ମୋ' ରି ଭଳି ।

ଫୁଟି କହିଲାଣି ମଲ୍ଲୀ
ଦେଖ ଦେଖ ମୋ'ଠି
ମହକ ଭରିଛି
ଫୁଲ ଭିତରେ ମୁଁ ମଲ୍ଲୀ ।

କଥା ରହିଅଛି ଏଠି
ନଗ୍ର ମଧ୍ୟେ ଦିଲ୍ଲୀ
ଫୁଲ ମଧ୍ୟେ ମଲ୍ଲୀ
ମଲ୍ଲୀର ଆଦର ସବୁଠି ।

+ବଉଦରାଜ, ବୌଦ୍ଧ -୭୬୨୦୧୪
ମୋ:୯୪୩୭୪୭୮୪୬୬



# ଅସହାୟ ଭାରତ ଭୁଷଣଙ୍କ ପାଇଁ ସହାୟକ ସାଜିଲେ ବି.ଏସ୍.କେ.ୱାଇ ଟିମ୍

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଅସହାୟ ବରିଷ୍ଠ ନାଗରିକ ଭାରତ ଭୁଷଣଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଟିମ୍ ଜୀବନ ରକ୍ଷାକାରୀ ସହାୟକ ସାବ୍ୟସ୍ତ ହୋଇଛନ୍ତି । ଟିମ୍ ର ସମୟୋଚିତ ପଦକ୍ଷେପ ହେତୁ ଭାରତ ଭୁଷଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଯାଇ ପାରିଛି । ଅଲସର୍ ପରି ରୋଗର ନିଦାନ କରାଯାଇ ସ୍ଥିତି ଅତି ସଙ୍ଗୀନ ହେବା ପୂର୍ବରୁ ଜୀବନ ରକ୍ଷା କରାଯାଇ ପାରିଛି । ତାଙ୍କର ଆରୋଗ୍ୟ ଲାଭ ଆଶା ଉଜ୍ଜ୍ୱଳ ହୋଇଛି ।

ଘଟଣାର ବିବରଣୀରୁ ଜଣାପଡ଼ିଛି ଯେ ପ୍ରାୟ ୬୦ ବର୍ଷ ବୟସ୍କ ଭାରତ ଭୁଷଣଙ୍କ ଘର ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଗଡ଼ପଦନପୁର ଗ୍ରାମରେ । ସାଧାରଣ ଜୀବନ ଧାରାରୁ ଅଲଗା ହୋଇ ସେ ସାରା ଜୀବନ ଅବିବାହିତ ରହିଥିଲେ । ଏକାକୀ ଗୋଟିଏ ଅଧାଭଙ୍ଗା ଘରକୁ ନିଜର ଆଶ୍ରୟସ୍ଥଳୀ କରିଥିଲେ । ଗତ ପ୍ରାୟ ୧ ମାସ ତଳେ ତାଙ୍କର ଡାହାଣ ଗୋଡ଼ ପାଦରେ ଗୋଟିଏ ଘା' ହୋଇଥିଲା । ଚିକିତ୍ସା ନକରିବାରୁ ଘା' ଟି ଧିରେ ଧିରେ ପଚିଯାଇ ପାଦର ଅନ୍ୟ ଅଂଶକୁ ବ୍ୟାପିଲା ଓ ବଡ ଆକାର ଧାରଣ କଲା । ତାଙ୍କର ପାଦ ଓ ଗୋଡ଼ ଫୁଲିବାକୁ ଲାଗିଲା । ଯନ୍ତ୍ରଣା ବଢ଼ିଲା ସ୍ଥିତି ଏପରି ହେଲା ଯେ ଆଉ କୁଆଡ଼େ ଯିବା ଆସିବା କରିନପାରି ଭାରତ ଭୁଷଣ ଏକାକୀ ଅଯନ୍ ଭାବେ ସେହି ଘରେ ପଡିରହିଲେ । କେହି ଦୟାକରି ଅନ୍ନ, ଜଳ ଟିକିଏ ଦେଲେ ଖାଉଥିଲେ । ନମିଳିଲେ ଭୋକ ଓପାସରେ ପଡ଼ି ରହୁଥିଲେ ।

ଗଣମାଧ୍ୟମରୁ ଏ ବିଷୟରେ ଗତ ଫେବୃଆରୀ ମାସ ୨୦ ତାରିଖରେ ଜାଣିବା ମାତ୍ରେ ବି.ଏସ୍.କେ.ୱାଇ ଟିମ୍ ପୁରୀ ଜିଲ୍ଲା ପ୍ରଶାସନ ସହ ମିଶି ମିଶନ୍ ମୋଡ୍ ରେ କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶମତେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ଫେବୃଆରୀ ୨୧ ତାରିଖ ପୂର୍ବାହ୍ନରେ ଗଡ଼ପଦନପୁର ଗ୍ରାମକୁ ଯାଇ ଭାରତଙ୍କୁ ଭେଟିଥିଲେ । ତାଙ୍କ ଗୋଡର ପ୍ରାଥମିକ ଚିକିତ୍ସା ଓ ବ୍ୟାଣ୍ଡେଜ୍ ଆଦି କରିଥିଲେ । ୨୨, ଫେବୃଆରୀରେ ଭାରତ ଭୁଷଣଙ୍କୁ ନିମପଡ଼ା କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସଂକ୍ରମଣ ମାତ୍ରା ଅଧିକ ଜଟିଳ ଥିବାରୁ ଉଚ୍ଚତର ଚିକିତ୍ସା ନିମନ୍ତେ ତାଙ୍କୁ କଟକର ଶ୍ରୀ ରାମ ଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍କୁ ସୁପାରିଶ କରାଗଲା ଏବଂ କଟକ ଯିବା ନିମନ୍ତେ ୧୦୮ ନିଃଶୁଳ୍କ ଆମ୍ବୁଲାନ୍ସ ଯୋଗାଇ ଦିଆଗଲା । ହେଲେ ଭାରତ କଟକ ଯିବାକୁ ଦୃଢ଼ ଅନିଚ୍ଛା ପ୍ରକାଶ କରି ବିଭିନ୍ନ ବାହାନାରେ ଗ୍ରାମକୁ ପଳାଇଗଲେ । ପରେ ସ୍ୱାସ୍ଥ୍ୟ ଟିମ୍ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

ରାଜ୍ୟ ସ୍ତରରୁ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଓ କ୍ଷେତ୍ରସ୍ତରୀୟ ଚିକିତ୍ସକ ଦଳ ପର୍ଯ୍ୟନ୍ତ ସମୁଦାୟ ବି.ଏସ୍.କେ.ୱାଇ. ଟିମଙ୍କର ଏପରି ସହୃଦୟାତ୍ମକ ପଦକ୍ଷେପକୁ ଗ୍ରାମବାସୀ ଓ ବୁଦ୍ଧିଜିବୀ ପ୍ରଶଂସା କରିବା ସହ ଅସହାୟ ଲୋକଙ୍କ ଚିକିତ୍ସା ସହାୟତା ପାଇଁ ପ୍ରଣୟନ କରାଯଇଥିବା ଫଳଦାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିମନ୍ତେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରାଜ୍ୟରେ ୧୪ ଟି ସାମୁଦ୍ରିକ ବନ୍ଦର ପାଇଁ ସ୍ଥାନ ନିରୂପଣ: ମନ୍ତ୍ରୀ ଟୁକୁନି ସାହୁ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ବର୍ତମାନ ରାଜ୍ୟରେ କୌଣସି ଅନ୍ତର୍ଜାତୀୟ ଜଳପଥ ବନ୍ଦର ନାହିଁ । ୧୪ ଟି ସାମୁଦ୍ରିକ ବନ୍ଦର ପାଇଁ ସ୍ଥାନ ନିରୂପଣ ହୋଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଏଥିରୁ ଧାମରା ଓ ଗୋପାଳପୁର ଠାରୁ ଦୁଇଟି ଅଣବୃହତ ବନ୍ଦର କାର୍ଯ୍ୟକ୍ଷମ ଅଛି. ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ମୁହାଣରେ ବନ୍ଦର କାମ ଚାଲିଛି । ବାକି ୧୦ରୁ ବାଲେଶ୍ୱର ଜିଲ୍ଲାର ବିଚିତ୍ରପୁର, ଚାନ୍ଦିପୁର, ଇଂଚୁଡ଼ି, ଭଦ୍ରକ, ପୁରୀ ଓ ଗଞ୍ଜାମରେ ଅଣବୃହତ ବନ୍ଦର ନିର୍ମାଣ ହେବ । ସବୁ ସୁବ୍ୟବସ୍ଥିତ କରିବା ପାଇଁ ଆଇଆଇଟି ମାଡ୍ରାସ ସହ ୧୬କୋଟି ୮୫ଲକ୍ଷ ୪୦୦ ଟଙ୍କାର ଚୁକ୍ତି ହୋଇଛି ।

ସେ କହିଛନ୍ତି ଯେ କେନ୍ଦ୍ରାପଡ଼ା ମହାକାଳପଡ଼ା ମହାନଦୀ ନିକଟରେ ନଦୀଭିତିକ ବନ୍ଦର ପାଇଁ ପ୍ରସ୍ତାବ ରହିଛି । ଯାହାର ସର୍ଭେ କାମ ଚାଲିଛି । ସବୁ କାମ ସରକାରୀ ଓ ଘରୋଇ ସହାଭାଗିତାରେ ଚାଲିଛି । ରାଜ୍ୟ ସରକାର କେବଳ ଲିଜ ସୂତ୍ରରେ ଜମି ଯୋଗାଇ ଦେଉଛନ୍ତି ବୋଲି ସେ କହିଛନ୍ତି ।

## ସାମ୍ବାଦିକଙ୍କୁ ହତ୍ୟା ଧମକ

ଭୁବନ, ୧୭/୦୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଧଳପଡା ପଂଚାୟତ ଅନଳ ଗ୍ରାମର ଯୁବ ସାମ୍ବାଦିକ ଦୁଃଶାସନ ପୃଷ୍ଟିଙ୍କୁ ହତ୍ୟା ଧମକ ସଂପର୍କରେ ଥାନାରେ ଅଭିଯୋଗ ହୋଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଫୋକସ ପ୍ଲସ ସାମ୍ବାଦିକ ଦୁଃଶାସନ ପୃଷ୍ଟି ବାଲିବୋ ପଂଚାୟତର କାନଖାଇ ଗ୍ରାମରେ ଏକ ନରେଗା କାର୍ଯ୍ୟ ହେଉଥିବା ସଂପର୍କରେ ଖବର ପାଇ ସମ୍ବାଦ ସଂଗ୍ରହ କରିବାକୁ ସେଠାକୁ ଯାଇଥିଲେ । ଗତକାଲି ଅପରାହ୍ନ ୫ ଘଟିକା ସମୟରେ ଭୁବନ କାଳି ବଜାରସ୍ଥିତ ଏକ ଦୋକାନକୁ ଦୁଃଶାସନ ଯାଇଥିବାବେଳେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା କାନଖାଇ ଗ୍ରାମର ଅରବିନ୍ଦ ମହାଲିକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଆଉ ଥରେ ସେ କାମ ପାଖକୁ କିମ୍ବା କାନଖାଇ ଗ୍ରାମକୁ ଗଲେ ରବିନ ଦାସ ଭଳି ତୋତେ ମିଥ୍ୟା ମାମଲାରେ ଜେଲ ପଠାଇ ଦେବି ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ସାମ୍ବାଦିକ ଶ୍ରୀ ପୃଷ୍ଟି ଏହିଘଟଣାକୁ ନିଜ ମୋବାଇଲ ଫୋନରେ ରେକଡିଙ୍ଗ କରି ଦେଇଥିଲେ । ଆଜି ଏ ସଂପର୍କରେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିବା ପରେଭୁବନ ଥାନା ଆଇ ଆଇସି ସୌଭାଗ୍ୟ କୁମାରସ୍ୱାଇଁ କେଶ ନଂ-୮୨/୨୦୨୩ ଦଫା ୨୯୪ ଓ ୫୦୬ ରେ ମାମଲା ରୁଜ୍ଜୁ କରି ଏ ଏସ ଆଇ ପ୍ରଭାତ କୁମାର ଶତପଥିଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଏହି ନରେଗା କାର୍ଯ୍ୟ ସଂପର୍କରେ ସମ୍ବାଦ ପରିବେଷଣ କରିଥିବା କାରଣରୁ ସାମ୍ବାଦିକ ରବିନ ଦାସଙ୍କୁ ଷଡଯନ୍ତ୍ର କରି ତାଙ୍କ ନାମରେ ମିଥ୍ୟା ମାମଲା କରାଯାଇ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଏକାମ୍ର ହାଟରେ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଆର୍ଥିକ ସହାୟତାରେ ୧୦ ଦିନ ବ୍ୟାପୀ ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଏକାମ୍ର ହାଟ ଠାରେ ଉଦଘାଟିତ ହୋଇଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଏହି ପ୍ରଦର୍ଶନୀର ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି ଯେ ଓଡ଼ିଶା ଉତ୍କୃଷ୍ଟ କଳାର ରାଜ୍ୟ । ଆମର ଏକ ମହାନ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରା ରହିଛି । ଏଭଳି ପ୍ରଦର୍ଶନୀର ଆୟୋଜନ ଦ୍ୱାରା ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରଚାରପ୍ରସାର ହେବା ସହ ଆମର ଶିଳ୍ପୀ-କାରିଗରମାନେ ସେମାନଙ୍କ ସାମଗ୍ରୀର ବିକ୍ରୟ ପାଇଁ ସୁଯୋଗ ପାଇବେ । ଏହା ସେମାନଙ୍କର ଆର୍ଥିକ ଉନ୍ନତି ସହ ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ଦେଶବିଦେଶରେ ଆଦୃତି ବୃଦ୍ଧି ପାଇପାରିବ ବୋଲି ସେ ଆଶାପ୍ରକାଶ କରିଥିଲେ ।

ଏଥିରେ ଓଡ଼ିଶାର ୧୦ ଟି ଜିଲ୍ଲା ସମେତ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀର ପରି ଦୁଇଟି ବାହାର ରାଜ୍ୟରୁ ୫୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରୁଛନ୍ତି । ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତସିଂହପୁର, ମୟୂରଭଞ୍ଜ, କଟକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାରୁ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ଯଥା-କାଠ ଖୋଦେଇ, ସବାଇ ଘାସ, ଗୋଲ୍ଡେନ ଗ୍ରାସ ଶିଳ୍ପ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା ତାରକଶୀ, ଆଦିବାସୀ ଜୁଏଲାରୀ, କତା ଶିଳ୍ପ, ତାଳପତ୍ର ଖୋଦେଇ, ଶାମୁକା, କଂସା ଓ ପିତଳ, ଢୋକ୍ରା, ଶିଙ୍ଗ, ଝୋଟ କାମ ଭଳି ଅତି ଆକର୍ଷଣୀୟ ଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରି ହେଉଛି । ଏହି ପ୍ରଦର୍ଶନୀରେ ପଶ୍ଚିମବଙ୍ଗର ହସ୍ତତନ୍ତ ଶାଢ଼ୀ ଓ ଜାମ୍ମୁ ଓ କାଶ୍ମୀରର ପଶ୍ମିନା ସାଲ ମଧ୍ୟରେ ରହିଛି ।

ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ହସ୍ତଶିଳ୍ପର ଗୁଣବତାକୁ ଅକ୍ଷୁଣ୍ଣ ରଖି କାରିଗରମାନେ ଅଧିକ ପରିମାଣର ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କଲେ ଏଥି ପ୍ରତି ତୃଣମୂଳସ୍ତରର ଅଧିକ ଲୋକ ଆକର୍ଷିତ ହେବେ । ଏହା ଦ୍ୱାରା ହସ୍ତଶିଳ୍ପର ଚାହିଦା ବୃଦ୍ଧି ପାଇବ ଏବଂ ଅଧିକରୁ ଅଧିକ ଲୋକ ହସ୍ତଶିଳ୍ପ ସାମଗ୍ରୀ ବ୍ୟବହାର ପାଇଁ ଆଗ୍ରହୀ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ବିକ୍ରମାଦିତ୍ୟ ବାରିକ, ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, କୁମାରୀ ଦେବସ୍ମିତା ସାହୁ, ସଭାପତି (ଉତ୍କଳିକା), ପ୍ରଶାନ୍ତ କୁମାର ମହାପାତ୍ର, ଉପ-ସଭାପତି (ଉତ୍କଳିକା), ସରୋଜ କୁମାର ପଟେଲ, ସ୍ୱତନ୍ତ୍ର ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶକ ଉତ୍କଳିକା, ଅଶୋକ କୁମାର ହୋତା, ବରିଷ୍ଠ ସହନିର୍ଦ୍ଦେଶକ, ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ, ପରିଚାଳିକା, ଉତ୍କଳିକା ଓ ଅନ୍ୟାନ୍ୟ ଅଧିକାରୀ ଗଣ ଏହି ବିଶେଷ ଉତ୍ସବରେ ଉପସ୍ଥିତ ଥିଲେ ।

ଏହି ପ୍ରଦର୍ଶନୀରେ ଆନୁମାନିକ ୨୫ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଛି ଏବଂ ୨୫-୩୦ ହଜାର ଦର୍ଶକଙ୍କ ଆଗମନର ସମ୍ଭାବନା ରହିଛି । -ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟ ଠାରେ ଏହି ପ୍ରଦର୍ଶନୀ ଆୟୋଜିତ ହେଉଛି ।

# ସେତୁ ଘୁଷୁଡିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ: ବିଧାୟକ ଶଶି ଭୂଷଣ

କେନ୍ଦ୍ରାପଡ଼ା, ୧୭/୦୩ (ନି.ପ୍ର): କେନ୍ଦ୍ରାପଡାର ତିନିମୁହାଣୀ ନିକଟ ଗୋବରୀ ନଦୀରେ ମିଶିଥିବା ପାଟନାଳୀ ଉପରେ ଯାଉଥିବା ବାଇପାସ୍ ପୋଲ ଭାଙ୍ଗି ଘୁଷୁଡି ପଡିବା ଘଟଣାରେ ବିଭିନ୍ନ ଗଣ ମାଧ୍ୟମ ଓ ସାମାଜିକ ଗଣ ମାଧ୍ୟମରେ ବିଭ୍ରାନ୍ତିକର ତଥ୍ୟ ସହ ଉଦ୍ଦେଶ୍ୟ ମୂଳକ ଅପପ୍ରଚାର କରାଯାଉ ଥିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବିଧାୟକ ଶଶି ଭୂଷଣ ବେହେରା । ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ବାଇପାସ୍ ରାସ୍ତା ଉପରେ କରା ଯାଉଥିବା ପୋଲ (ଗ୍ରାଇଡର) ଭୁଷୁଡି ପଡିବା ଘଟଣା ର ମୁଁ ଉଚ୍ଚ ସ୍ତରୀତ ତଦନ୍ତ ଦାବି କରୁଛି । ଉଚ୍ଚ ସ୍ତରୀୟ ବୈଷୟିକ ଟିମ୍ ଏହି ଘଟଣାରେ ତଦନ୍ତ କରି ପ୍ରକୃତ ତଥ୍ୟ ଓ ତୃଟି ବିଚ୍ୟୁତି ସଂପର୍କରେ ରିପୋର୍ଟ ପ୍ରଦାନ କଲେ ସମସ୍ତ ଘଟଣା ସ୍ପଷ୍ଟ ହୋଇଯିବ । ଅପରପକ୍ଷରେ ଏହି ପ୍ରକଳ୍ପ ୨୦୧୫ ମସିହାରେ ପ୍ରସ୍ତାବକୁ ଆସି ୨ଥର ଟେଣ୍ଡର ହୋଇ ବାତିଲ ହୋଇଥିଲା । ଟେଣ୍ଡର ନେଇଥିବା ମୂଳ କମ୍ପାନୀ ବ୍ଲାକ ଲିଷ୍ଟେଡ ଥିବାରୁ ତାହାର ସହଯୋଗୀ ଏଆର ଏସ୍‌ଏସ୍ କମ୍ପାନୀ ସେତେବେଳେ ଏହି କାମ ହାସଲ କରି ଦୀର୍ଘଦିନ ପକାଇ ରଖିଥିଲା । ତେବେ ମାତ୍ର ୨ ବର୍ଷ ହେବ ବନ୍ଦ ପଡିଥିବା ଏହି ପ୍ରକଳ୍ପ ନୂତନ ସରକାର ଆସିବା ପରେ ଗତି ଧରିଥିଲା । ସେତୁ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେଉଁ କାରଣରୁ ଗ୍ରାଇଡର ଭାଙ୍ଗି ପଡିଲା ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ମୁଁ ସରକାରଙ୍କ ଠାରେ ଦାବି କରିଛି ।

## ଶେଷ ହେଲା ସର୍ବବୃହତ କୁଆଖିଆ ମେଲଣ

ଧର୍ମଶାଳା, ୧୭/୦୩ (ନି.ପ୍ର): ଯାଜପୁର ଜିଲାର ସର୍ବବୃହତ ମେଲଣ ହେଉଛି କୁଆଖିଆ ମେଲଣ । ଜିଲାର ରସୁଲପୁର ବ୍ଲକ ତଥା କୁଆଖିଆ ଥାନା ଅଧିନସ୍ଥ କୁଆଖିଆ ବଜାରରେ ଏହି ମେଲଣ ଅନୁଷ୍ଠିତ ହୋଇଥାଏ । ଏହି ମେଲଣ ବୁଧବାର ରାତିରେ ଆରମ୍ଭ ହୋଇ ଗୁରୁବାର ଦିନ ଶେଷ ହୋଇଛି । ପାଗ ଅନୁକୂଳ ରହିଥିବାରୁ ୧୦ହଜାରରୁ ଉର୍ଦ୍ଧ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଆଜି ମ୍ୟାଟ୍ରିକ ପରୀକ୍ଷା ସରିବା ପରେ ଏହି ମେଲଣ ଆରମ୍ଭ ହୋଇ ଅପରାହ୍ନରେ ସମାପନ ହୋଇଥିଲା । ସ୍ଥାନୀୟ ଅଂଚଳରୁ ୬୦ରୁ ଉର୍ଦ୍ଧ ଛୋଟବଡ ଦୋଳ ବିମାନ ଯୋଗ ଦେଇ ପାରମ୍ପରିକ ରିତିରେ ଫଗୁ ଖେଳି ଥିଲେ । ବିମାନ ନିକଟରେ ବାଦ୍ୟ ,ଘୋଡା ନାଚ , ଲୋକନୃତ୍ୟ ଓ ଘଂଟ ଶବ୍ଦରେ ମେଲଣ ପଡିଆ ପ୍ରକମ୍ପିତ ହୋଇଥିଲା । ସମସ୍ତ ବିମାନ ଏକତ୍ର ହେବା ପରେ , ବିମାନ ନିକଟରେ ଅନୁଷ୍ଠାନ ପକ୍ଷରୁ ଭୋଗ କରାଯାଇଥିଲା । ଏହି ଅବସରରେ ମେଲଣ ପଡିଆରେ ବହୁ ଅସ୍ଥାୟୀ ଦୋକାନ ବଜାର ପଡିଥିଲା । ୨୦ଗୋଟି ପଂଚାୟତର ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ମେଲଣକୁ ଉପଭୋଗ କରିଥିଲେ । କୁଆଖିଆ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ବାଜାୟ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦହିପଣା ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । କୁଆଖିଆ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଦାବି ପୂରଣ ପାଇଁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ଭଦ୍ରକ ପାଣି ପଂଚାୟତ କର୍ମକର୍ତା ସଂଘ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଭଦ୍ରକ ଜିଲ୍ଲାର ପାଣି ପଂଚାୟତ କର୍ମକର୍ତାମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ କର୍ମକର୍ତାମାନେ ସେମାନଙ୍କ ହାତକୁ କାମ ଦେବା ଏବଂ ଦୀର୍ଘବର୍ଷ ଧରି ପୋଷ୍ଟିଂ ପାଇଥିବା କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କର ଦୁର୍ନୀତିଖୋର ମନୋବୃତି ଯୋଗୁଁ ତୁରନ୍ତ ସେମାନଙ୍କୁ ବଦଳି କରିବା ଦାବିରେ ଆସନ୍ତା ୨୫ ତାରିଖରେ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବା ସହ ଜଳସମ୍ପଦ ମନ୍ତ୍ରୀଙ୍କ ବାସଭବନ ଘେରାଓ କରାଯିବ ବୋଲି ଚେତାବନି ଦେଇଛନ୍ତି ଭଦ୍ରକ ସେଚାଂଚଳ ଉନ୍ନୟନ ଡିଭିଜନର ପାଣିପଂଚାୟତ କର୍ମକର୍ତାର ସାଧାରଣ ସମ୍ପାଦକ ଅକ୍ଷୟ ସାହୁ । ଏଠାରେ ଉଲ୍ଲେଖ କରାଯାଉଛି ଯେ, ଭଦ୍ରକ ସେଚାଂଚଳ କମାଣ୍ଡ ଏରିଆ ଡେଭେଲପ୍‌ମେ ଡିଭିଜନର ୩୦ରୁ ଉର୍ଦ୍ଧ୍ୱ ପାଣି ପଂଚାୟତର କର୍ମକର୍ତାମାନେ ବାରମ୍ବାର ବିଭିନ୍ନ ଅଭିଯୋନ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ ଓ ସଚିବଙ୍କୁ ଜଣାଇ ଆସୁଥିଲେ ମଧ କର୍ତୃପକ୍ଷ ଅଣଦେଖା କରିଚାଲିଛନ୍ତି । ଦୀର୍ଘବର୍ଷ ଧରି କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତି ଓ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଛୋଟରାୟ ଏଠାରେ ରହି ବହୁ ଦୁର୍ନୀତି ଏବଂ ପାତର ଅନ୍ତରରେ ଜଡ଼ିତ ଥିବାରୁ ଜନସାଧାରଣ ଏମାନଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହିତ ତୁରନ୍ତ ଏମାନଙ୍କୁ ଏଠାରୁ ବଦଳି କରିବା ପାଇଁ ଜଳସମ୍ପଦ ବିଭାଗ ସଚିବ ଓ ନିର୍ଦ୍ଦେଶକଙ୍କୁ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ପାଣିପଂଚାୟତର କର୍ମକର୍ତାମାନେ ଅଭିଯୋଗ କରିଛନ୍ତି । ଆମର ମୁଖ୍ୟ ଦାବି ହେଉଛି ଏହି ଅଂଚଳରୁ କନିଷ୍ଠ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରାଯାଉ । ଯଦି ସରକାର ଆସନ୍ତା ସପ୍ତାହ ମଧ୍ୟରେ ଏହି ସମସ୍ୟା ଉପରେ ଗୁରୁତ୍ୱ ନ ଦିଅନ୍ତି, କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆସନ୍ତା ୨୫ ତାରିଖ ଦିନ ଭଦ୍ରକ ସେଚାଂଚଳ କମାଣ୍ଡ ଏରିଆ ଉନ୍ନୟନ ଡିଭିଜନର ୫୦ରୁ ଉର୍ଦ୍ଧ୍ୱ ପାଣି ପଂଚାୟତର କର୍ମକର୍ତାମାନେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଗଣଧାରଣା ଦେବା ସହିତ ଜଳସମ୍ପଦ ମନ୍ତ୍ରୀଙ୍କ ବାସଭବନ ଘେରାଓ କରିବା ପାଇଁ ସଂଘ ତରଫରୁ ନିଷ୍ପତି ନିଆଯାଇଛି ବୋଲି ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ସାହୁ ପ୍ରକାଶ କରିଛନ୍ତି ।

# ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍‌ର ହାଇଡ୍ରା ଫେସିଆଲ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ବୁଦ୍ଧମନ୍ଦିରଠାରେ ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍ ତରଫରୁ ଏକ ନୂଆ ଟ୍ରେଣ୍ଡ ହାଇଡ୍ରା ଫେସିଆଲ୍ ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବିୟୁଟିପାର୍ଲରର ମାଲିକମାନେ ଏକାଠି ହୋଇ ନୂଆ ଜିନିଷ ହାଇଡ୍ରାଫେସିଆଲ୍ ଉପରେ ଶିକ୍ଷାଲାଭ କରିଥିଲେ । ଆସୋସିଏସନ୍‌ର ସଭାପତି ପ୍ରବୀଣା ତ୍ରିପାଠୀଙ୍କର ପ୍ରତ୍ୟେକ୍ଷ ତତ୍ୱାବଧାନରେ ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ ଅନୁଭବି ଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ଏହା ଏକ ନୂତନ ଧରଣର ବିୟୁଟିପାର୍ଲରର କାର୍ଯ୍ୟକ୍ରମ ହୋଇଥିବାରୁ ଏବଂ ଏଥିପ୍ରତି ସାଧାରଣ ଲୋକଙ୍କର ଆଗ୍ରହ ବଢିଚାଲିଥିବାରୁ ଏହି ବିଷୟରେ ସମ୍ପୂର୍ଣ୍ଣଭାବେ ସଠିକ୍ ଜ୍ଞାନ ପାଇବା ପାଇଁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଏବଂ ସମ୍ପୂର୍ଣ୍ଣ ଭାବେ ବିନା ମୂଲ୍ୟରେ ସବୁ ବିୟୁଟିସିଆନ୍ ମାନଙ୍କୁ ପ୍ରଶିକ୍ଷଣ କରାଯାଇଆସୁଅଛି ଏବଂ ଆଗାମୀ ଦିନରେ ମଧ ବିୟୁଟିସିଆନ୍ ମାନଙ୍କ ପାଇଁ ଏଭଳି ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସଭାପତି ଶ୍ରୀମତୀ ପ୍ରବୀଣା ତ୍ରିପାଠୀ କହିଛନ୍ତି । ଏହା ଏକ ମେଡିକାଲ୍ ଟ୍ରେଡ୍‌ର କାମ । ଆଗରୁ ଡକ୍ଟରମାନେ ଏହାକୁ ବ୍ୟବହାର କରୁଥିଲେ ଏବେ ବିୟୁଟିସିଆନ୍‌ମାନେ ଏହି କାର୍ଯ୍ୟକ୍ରମକୁ ଶିକ୍ଷାଲାଭ କରି ଜନସାଧାରଣଙ୍କୁ ସେବା ଯୋଗାଇ ଦେବାପାଇଁ ପ୍ରସ୍ତୁତ ହେଉଥିବାରୁ ଏଭଳି ପ୍ରଶିକ୍ଷଣର ଆବଶ୍ୟକତା ନିହାତି ଥିଲାବୋଲି ସଭାପତି ଶ୍ରୀମତୀ ତ୍ରିପାଠୀ କହିବା ସହ ଆଜି ମଧ ସବୁ ବିୟୁଟିସିଆନ୍‌ମାନେ ଏମ୍.ଏସ୍.ଏମ୍.ଇ. ରୁ ଋଣ ପାଇବା ପାଇଁ ଏକାଠି ହୋଇ ଆଲୋଚନା କରିବାକୁ ଯାଉଛୁ ବୋଲି କହିଛନ୍ତି ସଭାପତି ଶ୍ରୀମତୀ ତ୍ରିପାଠୀ । ସେହିଭଳି ହାଇଡ୍ରା ଫେସିଆଲ୍ ଏକ ନୂତନ ଧରଣର କାର୍ଯ୍ୟକ୍ରମ । ସାଧାରଣ ଲୋକଙ୍କର ଏହିପ୍ରକାରର ସୁବିଧା ନେବାପାଇଁ ବହୁତ ଆଗ୍ରହ ଅଛି, ଆମର ବିୟୁଟିସିଆନ୍ ମାନଙ୍କ ମଧ୍ୟରୁ ବହୁତ ଇ ରନାଲ୍ ଏରିଆରୁ ଆସିଛନ୍ତି, ସେମାନଙ୍କ ପାଖରେ ମେସିନ୍ କିଣିବାର ସୁବିଧା ନଥିବାରୁ ସେମାନଙ୍କୁ ବିନା ମେସିନ୍‌ରେ କିପରି ହାଇଡ୍ରା ଫେସିଆଲ୍ କାମ କରିପାରିବେ, ସେଥିପାଇଁ ଶିକ୍ଷା ଦିଆଯିବା ସହିତ ଆବଶ୍ୟକ ପଡ଼ିଲେ ଏମ୍.ଏସ୍.ଏମ୍.ଇ. ରୁ ଋଣ ନେଇ ଏହି ଆଧୁନିକ ମେସିନ୍ କିଣିବା ପାଇଁ ଉଚିତ୍ ପଦକ୍ଷେପ ନେବାକୁ ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ଥିଲା ବୋଲି କହିଛନ୍ତି, ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦିକା ବନଜା ପ୍ରଧାନ ।

# ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର, ୧୭/୦୩ (ନି.ପ୍ର): ଜୟପୁର ବ୍ଲକ ସଭା ଗୃହରେ ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଉପରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶା ସମାଜିକ ସମୀକ୍ଷା, ଉତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଓଡିଶା ରଫରୁ ଏହି ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଆର୍ଥିକ ବର୍ଷର ୧।୪।୨୨ ଠାରୁ ୩୦।୯।୨୨ ମଧ୍ୟରେ ଏମଏନଆରଜିଏ ଓ ପ୍ରାଧାନମନ୍ତ୍ରୀ ଆବାସ ଯୋଜନାର ସାମାଜିକ ସମୀକ୍ଷା କରାଯାଇଥିଲା । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ରାଜିବ ଦାସ, ଡିଏସଏ ଅନିଲ ମହାରଣା, ବିଏସଏ ମାନିନି ଦାସ, ସରପଂଚ, ପିଇଓ, ଜିଆରଏସ, ସମିତି ସଭ୍ୟ ଓ ଓାର୍ଡ ମେମ୍ବର ମାନେ ଉପସ୍ଥିତ ଥିଲେ ।

# ନଭେମ୍ବର ସୁଦ୍ଧା ୧୦ ଆକାଂକ୍ଷୀ ଜିଲ୍ଲାକୁ ୪ଜି ସେବା



ଭୁବନେଶ୍ୱର , ୧୭/୦୩ (ନି.ପ୍ର): ରାଜ୍ୟର ୧୦ଟି ଆକାଂକ୍ଷୀ ଜିଲ୍ଲାର ୩୯୩୩ଟି ଗ୍ରାମକୁ ୪ଜି ସେବା ସହିତ ୨୩୭୯ଟି ଟାୱାର ସ୍ଥାପନ କରିବାକୁ ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଛି ଓ ନଭେମ୍ବର ମାସ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରହିଥିବା ସୂଚନା ଦେଇଛନ୍ତି ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ବେହେରା କହିଛନ୍ତି, ୯ଟି ନକ୍ସଲ ଉପଦ୍ରୁତ ଜିଲ୍ଲାରେ ଏଲ୍‌ଡବ୍ଲୁଇ ଫେଜ୍-୨ ପ୍ରକଳ୍ପ ଅଧୀନରେ ୪ଜି ସେବା ସହିତ ୪୮୩ଟି ଟାୱାର ସ୍ଥାପନ କରିବାକୁ ଯୋଜନା ହୋଇଛି । ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଛି ଓ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ଲକ୍ଷ୍ୟ ରହିଛି । ଏହାବାଦ୍ ୪ଜି ସାଚୁରେସନ୍ ପ୍ରକଳ୍ପ ଜରିଆରେ ୨୮୧୪ଟି ଗ୍ରାମକୁ ୪ଜି ସେବା ସହିତ ୧୬୨୮ଟି ଟାୱାର ସ୍ଥାପନ କରିବାକୁ ଯୋଜନା ରହିଛି । ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଛି ।

# ଭସାପୋଲକୁ ପାଉନି ଭରସା: ଚିଲିକାରାଣୀ ଚାଲିଲା, ଭାବକୁଣ୍ଡଳେଶ୍ୱର ବନ୍ଦ

ବ୍ରହ୍ମଗିରି , ୧୭/୦୩ (ନି.ପ୍ର): ଚିଲିକାରେ ଭସାପୋଲକୁ ଆଉ ଯାତ୍ରୀଙ୍କ ଭରସା ପାଉନି । ବାରମ୍ବାର ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଓ ଦୁର୍ଘଟଣା ଘଟିବା ଫଳରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି । ମଝି ଚିଲିକାରେ ଘଣ୍ଟାଘଣ୍ଟା ଫସି ରହିବା ସହିତ ମାସ ମାସ ଧରି ବନ୍ଦ ରହିବା ଘଟଣା ଏବେ ଭସାପୋଲରେ ଯାତ୍ରୀ ପରିବହନ ନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଅନ୍ୟପଟେ ମାସେ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ରହିଥିବା ଚିଲିକାରାଣୀ ଭସାପୋଲ ଚାଲିଛି । କିନ୍ତୁ ଭାବକୁଣ୍ଡଳେଶ୍ୱର ଭସାପୋଲର ଯାନ୍ତ୍ରିକ ତ୍ରୁଟି ଆଜି ସୁଦ୍ଧା ସଜଡ଼ା ହୋଇନାହିଁ । ଚିଲିକାରାଣୀ ସହିତ ଗୋଟିଏ ଏମ୍‌ଭି-୪ ଏସ୍କାଭେଟର ଚିଲିକାରେ ଯାତ୍ରୀ ପରିବହନ କରୁଛି । ଭାବକୁଣ୍ଡଳେଶ୍ୱର ଭସାପୋଲର ଯାନ୍ତ୍ରିକ ତ୍ରୁଟି କେବେ ସଜଡ଼ା ହେବ ତାହା ସ୍ଥାନୀୟ ଅଧିକାରୀ ସ୍ପଷ୍ଟ କରୁନାହାନ୍ତି । ଆଗକୁ କୃଷ୍ଣପ୍ରସାଦର ପ୍ରସିଦ୍ଧ ପଣାଯାତ୍ରା ଆସୁଥିବାରୁ ହଜାର ହଜାର ଲୋକ ଚିଲିକା ପାରି ହେବେ । ଅନ୍ୟପଟେ



ମରାମତି ହୋଇ ଯାତ୍ରୀ ପରିବହନ ଆରମ୍ଭ କରିଥିବା ଚିଲିକାରାଣୀ ପାଇଁ ଚିଲିକାର ଜଳସ୍ତର ବଡ଼ ସମସ୍ୟା ଭାବରେ ଛିଡ଼ାହୋଇଛି । ଚିଲିକାରେ ଜଳସ୍ତର କମିବା ଯୋଗୁ ଚିଲିକାରାଣୀ ଯାତାୟାତ କରିବାରେ ସମସ୍ୟା ଉପୁଜିଛି । ଫଳରେ ଲୋକେ ଏବେ ଘରୋଇ ଡଙ୍ଗା ସହିତ ଘାଟ ଡଙ୍ଗାରେ ପାରି ହେବାକୁ ପସନ୍ଦ କରୁଥିବା ଜଣାପଡ଼ିଛି । ପ୍ରକାଶଯୋଗ୍ୟ, ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ଓ ଜହ୍ନିକୁଦା ଘାଟରୁ ସାତପଡ଼ା ଘାଟକୁ ଚିଲିକାରେ ଭସାପୋଲ ସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରିଥାଏ । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏହି ଭସାପୋଲ ସେବା ଚାଲିଛି । କୃଷ୍ଣପ୍ରସାଦ ବ୍ଲକ୍‌କୁ ଯାତାୟାତ ପାଇଁ ଏକମାତ୍ର ମାଧ୍ୟମ ହେଉଛି ଭସାପୋଲ ଓ ଡଙ୍ଗା । ପ୍ରତିଦିନ ପୁରୀରୁ ବ୍ରହ୍ମପୁରକୁ ଦୁଇଟି ବସ ଯାତ୍ରୀ ପରିବହନ କରିବା ସହିତ ଯାତ୍ରୀ ଯାତାୟାତ କରିଥାନ୍ତି ।

# ଶବ ବ୍ୟବଚ୍ଛେଦ ପାଇଁ ଲାଂଚ ମାମଲା : ଚାକିରୀରୁ ବିଦା ହେଲେ କର୍ମଚାରୀ

ବାରିପଦା, ୧୭/୦୩ (ନି.ପ୍ର): ଶବ ବ୍ୟବଚ୍ଛେଦ ପାଇଁ ଲାଂଚ ମାଗି ଚାକିରୀରୁ ବିଦା ହେଲେ କର୍ମଚାରୀ । ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଲାଂଚ ନେଉଥିବା ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଠିକା କର୍ମଚାରୀ ଧନ୍ଦ କାରୁଆଙ୍କୁ ଚାକିରୀରୁ ବିଦା କରିଛନ୍ତି ଠିକା ସଂସ୍ଥା କର୍ତ୍ତୃପକ୍ଷ । ସୂଚନା ଅନୁଯାୟୀ, ଏକ ମୃତ ଶିଶୁର ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲରେ ୮୦୦ ଟଙ୍କାର ଲାଂଚ ମାଗିଥିଲେ କର୍ମଚାରୀ ଜଣକ । ଏହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉକ୍ତ କର୍ମଚାରୀଙ୍କୁ ଚାକିରୀରୁ ବିଦା କରାଯାଇଛି । ଉପଖଣ୍ଡ ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ସାହୁ ଏନେଇ ସୂଚନା ଦେଇଛନ୍ତି ।

# ଟ୍ରାକଟର ଧକ୍କାରେ ମହିଳାଙ୍କ ମୃତ୍ୟୁ : ଦୁର୍ଘଟଣା ଘଟାଇ ଗାଡ଼ି ଫେରାର

ବସ୍ତା, ୧୭/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ନାବରା ପଞ୍ଚାୟତ ର ସିମୁଳିଆ ଗ୍ରାମର ଜନୈକା ମହିଳାଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରକାଶ ଯେ ଏହି ଗ୍ରାମର ରୁକ୍ମଣୀ ସେଠୀ (୩୫) ତାଙ୍କ ସ୍ୱାମୀ ଙ୍କ ସହ ବାପ ଘର ଏହି ଥାନା ଅନ୍ତର୍ଗତ ପଣସା ଗ୍ରାମ ସ୍ଥିତ ତାଙ୍କ ବାପ ଘରକୁ ଯାଉଥିବା ବେଳେ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକଟର ତାଙ୍କ ଉପରେ ମାଡି ଯାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରିଛି ।

# ପୁନଃ ଥଇଥାନ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ପୁନଃ ଥଇଥାନ ଯୋଜନା କାର୍ଯ୍ୟକାରୀ କରିବା ଦାବିରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମୃତ ସରକାରୀ କର୍ମଚାରୀଙ୍କ ପରିବାରବର୍ଗ । ଶୁକ୍ରବାର ଦିନ ମୃତ କର୍ମଚାରୀମାନଙ୍କ ପରିବାରରୁ ହଜାର ହଜାର ହିତାଧିକାରୀ ଲୋୟର ପିଏମଜିରେ ଧାରଣା ଦେଇଛନ୍ତି । ସଂଘର ସାଧାରଣ ସମ୍ପାଦକ ସୀମାଂଚଳ ମିଶ୍ର କହିଛନ୍ତି ଯେ ଥଇଥାନ ଯୋଜନାରେ ସୁବିଧା ପାଇବା ପାଇଁ ୧୫ ହଜାରରୁ ଉର୍ଦ୍ଧ୍ୱ ପରିବାର ସଦସ୍ୟ ଅପେକ୍ଷା କରିଥିବା ବେଳେ ରାଜ୍ୟ ସରକାର ଏମାନଙ୍କ ଦରଖାସ୍ତକୁ ବିଚାରକୁ ନେଉ ନାହାନ୍ତି । ଯଦି ସରକାର ଏହି ଗଣତାନ୍ତ୍ରିକ ଆନ୍ଦୋଳନକୁ ଚପାଇବା ପାଇଁ ପ୍ରୟାସ କରୁଛନ୍ତି ଓ ତାର କାରଣ କଣ ଏହା ଖୋଲାଖୋଲି ସାଧାରଣରେ ପ୍ରକାଶ କରିବା ପାଇ ସଂଘ ଦାବି କରିଛି । ରାଜ୍ୟ ସରକାର ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତିଗୁଡ଼ିକୁ ବିଚାର କରୁଥିବା ବେଳେ ସେହି ନିୟମକୁ ଉଲଂଘନ କରି ରାଜ୍ୟ ଶିକ୍ଷାବିଭାଗ ବ୍ଲକଗ୍ରାଂଟ କର୍ମଚାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ୍ ଏବଂ କଲେଜ କର୍ମଚାରୀମାନଙ୍କ କ୍ଷେତ୍ରରେ ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତିକୁ ଖଣ୍ଡନ କରି ଶିକ୍ଷା ବିଭାଗ ତାଙ୍କ ନିଜସ୍ୱ ନିୟମ ପ୍ରଣୟନ କରି ପୁନଃ ଥଇଥାନ ଯୋଜନାକୁ ନିଜସ୍ୱ ବିଭାଗର ବିଜ୍ଞପ୍ତି ଜରିଆରେ ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ।

# ଜେ.ଏସ.ଡବ୍ଲ୍ୟୁ ପେଲେଟ ପ୍ଲାଣ୍ଟ ପାଇଁ ଭୂମିପୂଜା ସହ ୪୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ




ପାରାଦୀପ, ୧୭/୦୩ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଏବଂ ଗଡ଼କୁଜଙ୍ଗ ପଞ୍ଚାୟତରେ ହେବାକୁ ଥିବା ଜେ.ଏସ.ଡବ୍ଲୁ ପ୍ରକଳ୍ପର ପେଲେଟ ପ୍ଲାଣ୍ଟ ପାଇଁ ଆଜି ଭୁମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି । ତିନି ପଞ୍ଚାୟତର ସମସ୍ତ ଜନ ପ୍ରତିନିଧି ମାନଙ୍କ ଉପସ୍ଥିତିରେ କମ୍ପାନୀର ଟେଷ୍ଟ ପାଇଲିଙ୍ଗ ପାଇଁ ଭୁମିପୁଜା କରାଯାଇଛି । ଦୀର୍ଘ ଦିନ ଧରି ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକମାନେ ଅପେକ୍ଷା କରିଥିବା ବେଳେ ଆଜି ତାହା ପୂରଣ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକମାନେ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ସରପଞ୍ଚ କିଶୋର ପରିଡ଼ା ଓ ସୁଚିତ୍ରା ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ସମ୍ପୁର୍ଣ୍ଣ ପୂଜା ଓଡ଼ିଆ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ତିନି ପଞ୍ଚାୟତର ଜନ ପ୍ରତିନିଧି, ମୁରବୀ, ମିଶନ ଶକ୍ତି ମହିଳା ମାନଙ୍କ ଏହି ଭୁମି ପୁଜନ କାର୍ଯ୍ୟରେ ଯୋଗ ଦେଇଥିଲେ ପରେ ଟେଷ୍ଟ ପାଇଲିଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜିର ଏହି ଶୁଭ ମୁହୁର୍ତ୍ତରେ ଜେ.ଏସ.ଡବ୍ଲୁ ପକ୍ଷରୁ ୪୧ ଜଣ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି ପୂର୍ବରୁ ଯାହା ଘୋଷଣା କରାଯାଇଥିଲା । ଯାହା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଛି । ଏହି ତିନି ପଞ୍ଚାୟତରୁ ବୈଷୟିକ ଶିକ୍ଷା ହାସଲ କରିଥିବା ଯୋଗ୍ୟ ପ୍ରାର୍ଥୀ ମାନଙ୍କର ଏକ ପ୍ରବେଶିକା ପରୀକ୍ଷା ଓ ପରେ ସାକ୍ଷାତକାର ପରୀକ୍ଷା କରାଯାଇଛି । ଢ଼ିଙ୍କିଆ ନୂଆଗାଁ ଏବଂ ଗଡ଼କୁଜଙ୍ଗ ପଞ୍ଚାୟତର ବିଭିନ୍ନ ଗାଁ ଯଥା ଗୋବିନ୍ଦପୁର, ନୋଳିଆ ସାହି, ଭୁୟାଁପାଳ ଭଳି ଆଖପାଖ ଗାଁରୁ ସମୁଦାୟ ୪୬ ଜଣ ପ୍ରାର୍ଥୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଫିଟର ବିଭାଗରେ ସର୍ବାଧିକ ୩୨ ଜଣ, ଇଲେକ୍ଟ୍ରିକାଲ ବିଭାଗର ୧୧ ଜଣ, କେମେଷ୍ଟ୍ରୀ ବିଭାଗର ୦୧ ଓ ଓଲ୍ଡର ବିଭାଗର ଜଣେ ପ୍ରାର୍ଥୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ନୂଆଗାଁର ସର୍ବାଧିକ ୧୫ ଜଣ, ଗଡ଼କୁଜଙ୍ଗରୁ ୧୦ ଓ ଢ଼ିଙ୍କିଆ ଗାଁରୁ ୦୮ ଜଣ ନୋଳିଆ ସାହିର ୦୫ ଜଣ ଗୋବିନ୍ଦପୁର ଗାଁରୁ ୩ ଜଣ ଯୁବ ପ୍ରାର୍ଥୀ ଏହି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ସେମାନଙ୍କୁ ଜେ.ଏସ.ଡବ୍ଲୁ କମ୍ପାନୀର ମାନବ ସମ୍ବଳ ବିଭାଗ ପକ୍ଷରୁ ସାକ୍ଷାତକାର ପରୀକ୍ଷା କରାଯାଇଛି । ଏହି ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଯୋଗ୍ୟ ପ୍ରାର୍ଥୀ ମାନଙ୍କୁ ଝାରସୁଗୁଡ଼ା ଜିଲ୍ଲାରେ ଥିବା ଜେ.ଏସ.ଡବ୍ଲ୍ୟୁ କମ୍ପାନୀରେ ନିୟୋଜିତ କରାଯିବ ପରେ ସେମାନଙ୍କୁ ଏହି ନୂତନ ପ୍ରକଳ୍ପକୁ ପ୍ରତ୍ୟାବର୍ତ୍ତନ କରାଯିବ ବୋଲି ଜେ.ଏସ.ଡବ୍ଲ୍ୟୁ ପ୍ରକଳ୍ପର ଅଧକ୍ଷ ଅନିଲ ସିଂ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ରଞ୍ଜନ ନାୟକ, ଧନଞ୍ଜୟ ସିଂହ, ଅଶେଷ ପାଢ଼ୀ, ଜେ ପି ସିଂ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜେ.ଏସ.ଡବ୍ଲ୍ୟୁ ସ୍ଥାନୀୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଭି ଏଲ ସି ମାନେ ଏହାକୁ ପରିଚାଳନା କରିଥିଲେ ।

# ଜଳେଶ୍ୱର ଲାଗି ଜ୍ଞାନବିକାଶ ଆଇଟିଆଇ ଆଣିଲା ଗୌରବ




ଜଳେଶ୍ୱର, ୧୭/୦୩ (ନି.ପ୍ର): ନିକଟରେ ରାଜ୍ୟସ୍ତରୀୟ ଆଇଟିଆଇ ଗୁଡିକୁ ନେଇ ଏକ ଭଲିବଲ୍ ଟୁର୍ଣ୍ଣମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱରର ଜ୍ଞାନବିକାଶ ଆଇଟିଆଇ ଭାଗ ନେଇଥିଲା । ଜିଲାସ୍ତରୀୟ ଟୁର୍ଣ୍ଣମେଣ୍ଟରେ ଜ୍ଞାନବିକାଶ ଉତ୍ତମ ଖେଳ ପ୍ରଦର୍ଶନ କରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲା । ନିକଟରେ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସ୍ତରୀୟ ଚମ୍ପିଅନ୍ ଟ୍ରଫି ଆଇ.ଟି.ଆଇ ଫେଷ୍ଟ-୨୦୨୨ର ଖେଳ ଶେଷ ହୋଇଛି । ଏଥିରେ ଜ୍ଞାନବିକାଶ ଆଇଟିଆଇ ଚମ୍ପିଅନ ହୋଇ ସିଲ୍ଡ ଓ ମାନପତ୍ର ଲାଭ କରିଛନ୍ତି । ଆଜି ଜ୍ଞାନବିକାଶ ଆଇଟିଆଇ ପରିସରରେ ଭଲିବଲ ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଆଇଟିଆଇ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନାରେ ଅନୁଷ୍ଠାନର ମୁଖ୍ୟ ଲେଲିନ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଯୋଗ ଦେଇ ସାଧନା ହିଁ ସଫଳତାର ଚାବିକାଠି । କିନ୍ତୁ ତ୍ୟାଗ ଓ ତପସ୍ୟା ଦ୍ୱାରା ସାଧନା ମହାଦ୍ରୁମରେ ପରିଣତ ହୋଇଥିବାରୁ ଅନୁଷ୍ଠାନ ଜଳେଶ୍ୱର ପୌରପାଳିକା ଲାଗି ଗୌରବ ଆଣିଥିବା କହିଥିଲେ । ଆଗାମୀ ଦିନରେ ଖେଳକୁ ଗୁରୁତ୍ୱ ଦେଇ ପୌରାଞ୍ଚଳ ମଧ୍ୟରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଖେଳ ପଡିଆ ଏବଂ ୧୦ କୋଟି ଟଙ୍କା ବ୍ୟୟରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ସରିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପଧ୍ୟକ୍ଷା ଅନୁସୁୟା ପ୍ରଧାନ, ହୋଲେନ୍ଦ୍ର ଭଂଜ, ଆଦିତ୍ୟ ନାରାୟଣ ପାତ୍ର ଓ କୋଚ୍ ପ୍ରଦୀପ ମହାନ୍ତି ବକ୍ତବ୍ୟ ରଖିଥିଲେ ।

# ନୂଆ ପ୍ରି ସ୍କୁଲ 'ୟୁରୋ କିଡସ'ଉଦ୍‌ଘାଟିତ

ବାଲେଶ୍ୱର, ୧୭/୦୩ (ନି.ପ୍ର): ସହରର ଓଟିରୋଡ଼ ପାର୍ଶ୍ୱ ଅଶୋକା ଷ୍ଟେଟସ ପ୍ରଥମ ମହଲାରେ ପ୍ରି ସ୍କୁଲ 'ୟୁରୋ କିଡସ' ଶୁକ୍ରବାର ଉଦଘାଟିତ ହୋଇଯାଇଛି । ବାଲେଶ୍ୱର ଏସପି ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଏହି ସ୍କୁଲକୁ ଉଦଘାଟନ କରିବା ସହିତ କୁନି କୁନି ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଧାରାକୁ ଆଗେଇ ନେବ ବୋଲି ଆଶା ପ୍ରକାଶ କରିଥିଲେ । ପୌରାଧ୍ୟକ୍ଷା ସବିତା ସାହୁ ଓ ସମାଜସେବୀ ଭାଗବତ ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଏହିଭଳି ପ୍ରିସ୍କୁଲର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷ କରି କର୍ମଜୀବୀ ଦମ୍ପତିଙ୍କ ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ମନୋରଂଜନ ପର୍ଯ୍ୟନ୍ତ ଏହିଭଳି ଅନୁଷ୍ଠାନଙ୍କର ଗୁରୁ ଦାୟିତ ବୋଲି ସେମାନେ କହିଥିଲେ । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଂଧ୍ୟା ସାହା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ବିଦ୍ୟାଳୟର ଶିକ୍ଷାଦାନ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଚେୟାରମ୍ୟାନ ଅଶୋକ ସାହା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସ୍କୁଲର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶିକା ଦୀପଶିଖା ସାହା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲି ଉଠାଣକୁ ପ୍ରତିବାଦ କରିବାକୁ ଗ୍ରାମବାସୀଙ୍କୁ ଆକ୍ରମଣ



ନୀଳଗିରି, ୧୭/୦୩ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ଥିବା କୌଣସି ବାଲି ଖାଦାନକୁ ସରକାରୀସ୍ତରୀରେ ଲିଜ୍ ଦିଆଯାଇ ନ ଥିବା ବେଳେ ସୋନ ନଦୀରେ ଥିବା ଗଛିତ ବାଲି ଉପରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଥିବା ବେଳେ ପ୍ରତିଦିନ ସୋନ ନଦୀରୁ ଶହ ଶହ ଟ୍ରିପ ବାଲି ଚୋରାରେ ବିକ୍ରି ହେଉଥିବା ବେଳେ ଗତକାଲି ରାତିରେ ବାଲି ମାଫିଆମାନେ କାଂଶ ପେଟ୍ରୋଲ ପମ୍ପ ଅପରପାର୍ଶ୍ୱ (ବାଡ଼ିଆ) ଅଂଚଳରୁ ଖୁଲମଖୁଲା ବାଲି ଉଠାଣ ହେଉଥିବା ବେଳେ ଯଦି ବାଲି ମାଫିଆମାନେ ଲଗାତର ବାଲି ଚୋରି କରନ୍ତି ତେବେ ବନ୍ୟା ବେଳେ ବାଡ଼ିଆ ଗାଁଟି ପାଣି ଘେରରେ ରହିଯିବାର ଶତ ପ୍ରତିଶତ ପରିସ୍ଥିତ ଉପୁଜିବା ନେଇ ଗାଁ ଲୋକେ ବାଲି ଉଠାଣକୁ ପ୍ରତିବାଦ କରିବାରୁ ପାଲଟା ବାଲି ମାଫିଆମାନେ ଗ୍ରାମବାସୀଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ପିଟାମରା କରିଥିଲେ । ବେଶ କେଇ ଘଂଟା ଧରି ବାଲି ମାଫିଆ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିବା ବେଳେ ଖବର ପାଇ ନୀଳଗିରି ଆଇ.ଆଇ.ସି. ଗୋପାଳ କର୍ଣ୍ଣ ସଦଳେବେଳେ ଘଟଣାସ୍ଥଳରେ ପହଂଚିବା କ୍ଷଣି ବାଲିମାଫିଆମାନେ ଛତ୍ରଭଙ୍ଗ ଦେଇ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ପରେ ଗ୍ରାମବାସୀ ମାନେ ଆଜି ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ନୀଳଗିରି ତହସିଲଦାରଙ୍କୁ ବାଲି ଉଠାଣ ବନ୍ଦ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ପ୍ରତିବାଦରେ ବି.ଇ.ଓ.ଙ୍କ ଠାରେ ଗ୍ରାମବାସୀଙ୍କ ଫେରାଦ



ନୀଳଗିରି, ୧୭/୦୩ (ନି.ପ୍ର): ନୀଳଗିରି ବ୍ଲକର ଗରିଡିହି ପଚାୟତର କଦମ୍ବଗଡ଼ି ପ୍ରଥମିକ ବିଦ୍ୟାଳୟ ପରିସରରେ ଗତ ୧୩.୦୩.୨୩ରିଖ ଦିନ ସ୍କୁଲ ସମୟରେ ଯାତ୍ରାପାର୍ଟିର କଳାକାରମାନଙ୍କୁ ରଖିବା ସହ ସେଠାରେ ରୋଷେଇ କରିବା ଘଟଣାର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଦନ୍ତ କରାଯାଇ ଚାକିରୀରୁ ନିଲମ୍ବନ କରିଛନ୍ତି ବି.ଇ.ଓ. । ଏହାର ପ୍ରତିବାଦରେ ଆଜି ସ୍କୁଲ କମିଟିର ସମସ୍ତ ସଦସ୍ୟ, ଚେୟାରମ୍ୟାନ ସମେତ ବହୁ ଗ୍ରାମବାସୀ ତୁରନ୍ତ ନିଲମ୍ବନ ପ୍ରକ୍ରିୟାକୁ ପ୍ରତ୍ୟାହାର କରିବା ପାଇଁ ନୀଳଗିରି ବି.ଇ.ଓ. ଏବଂ ବାଲେଶ୍ୱର ଡି.ଇ.ଓ.ଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଗାଁରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଏକ ଯାତ୍ରା ପାର୍ଟି ପରିବେଷଣ ପାଇଁ ଗ୍ରାମବାସୀଙ୍କ ସହଯୋଗରେ ଆସିଥିବା ବେଳେ ସେମାନଙ୍କର ରହଣୀ ପାଇଁ ଉଭୟ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲୁ । ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ନ ରହିବା, ରୋଷେଇ ନ କରିବା ପାଇଁ ରୋକଠୋକ ମନା ମନା କରିଥିଲେ । ପରେ ସ୍କୁଲ କମିଟି ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏକ ଅନୁମତି ପତ୍ର ଦେଇଥିଲୁ । ତାପରେ ବି ପ୍ରଧାନ ଶିକ୍ଷୟିତ୍ରୀ ଜଣକ ମନା କରିଥିଲେ । ପରେ ଜୋରଜବରଦସ୍ତ ସ୍କୁଲ କମିଟିର ସଦସ୍ୟ ଓ ଗ୍ରାମବାସୀମାନେ ସ୍କୁଲ ପରିସରରେ ଥିବା ରୋଷେଇ ଘରେ ରୋଷେଇ କରିବା ସହ କଳାକାରମାନଙ୍କୁ ରହଣି କରାଇଥିଲେ । ତାପରେ ବି ସ୍କୁଲର ପିଲାଙ୍କ ପାଠ ପଢ଼ାରେ କୌଣସି ବ୍ୟାଘାତ ଘଟି ନ ଥିବାର ଦରଖଶସ୍ତରେ ଉଲ୍ଲେଖ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର ପାଇଁ ବିନୀତ ଅନୁରୋଧ କରିବା ସହ ଉକ୍ତ ଘଟଣାର ପ୍ରଧାନ ଶିକ୍ଷୟିତ୍ରୀଙ୍କର କୌଣସି ଭୁଲ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମାର୍ଚ୍ଚ ୨୦ରୁ ଦୁଇ ଦିନିଆ....

ଚୀନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମ୍ଭାବନା ରହିଛି । କିଛି ଦିନ ପୂର୍ବରୁ ଚୀନ କହିଥିଲା ଆଲୋଚନା ମାଧରେ ଯୁଦ୍ଧକୁ ବନ୍ଦ କରାଯିବ ଉଚିତ । ଆଣବିକ ଅସ୍ତ୍ର ବ୍ୟବହାରକୁ ମଧ ଦେଶ ବିରୋଧ କରିଥିଲା । ସେପଟେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ଏହି ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମୀର ଜେଲେନସ୍କିଙ୍କ ସହ ଜିନପିଙ୍ଗଙ୍କ ଭର୍ଚୁଆଲ ବୈଠକ ହୋଇପାରେ । ଗୋଟେ ପଟେ ଚୀନ ରାଷ୍ଟ୍ରପତି ଋଷିଆ ଯାଉଥିବାବେଳେ ଅନ୍ୟପଟେ ଆମେରିକାର ଚିନ୍ତା ବଢିଛି । ଆମେରିକା ଏକଥା ଆଶଙ୍କା କରୁଛି ଶାନ୍ତି କଥା କହୁଥିବା ଚୀନର ଏକ ବଡ ଚାଲ ହୋଇପାରେ । ଯୁଦ୍ଧରେ ସବୁବେଳେ ଋଷିଆକୁ ସମର୍ଥନ କରି ଆସୁଥିବା ଚୀନ ଏବେ କ୍ରେମଲିନକୁ ବଡ ଧରଣର ସାମରିକ ସହାୟତା କରିପାରେ । ଯଦି ଆଶଙ୍କା ସତ ହୁଏ ତେବେ ଆଗକୁ ଭୟାବହ ହୋଇପାରେ ଯୁଦ୍ଧ । କିଛି ଦିନ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୟୁକ୍ରେନଗସ୍ତ କରିଥିଲେ ଓ ସବୁପ୍ରକାର ସମର୍ଥନ ଏବଂ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ । ଏବେ ଚୀନ ରାଷ୍ଟ୍ରପତିଙ୍କ ଋଷିଆଗସ୍ତ ଆଗକୁ ଯୁଦ୍ଧର ରୂପରେଖ ପରିବର୍ତ୍ତନ କରୁଛି ନା ଚୀନ ନିଜର ଫାଇଦା ହାସଲ କରୁଛି ଏହା ଉପରେ ସାରା ବିଶ୍ୱର ନଜର ରହିଛି ।

## ଡ୍ରାଇଭର ମହାସଂଘର....

ମହାସଂଘର ସଭାପତି ପ୍ରଶାନ୍ତ ମେନ୍ଦୁଲି ଏକ ଭିଡିଓ ବାର୍ତା ମାଧ୍ୟମରେ ଏହି ସୂଚନା ଦେଇଥିଲେ । ଏହାସହ ଆନ୍ଦୋଳନକାରୀ ଡ୍ରାଇଭର ମାନେ ନିଜ ନିଜ କର୍ମକ୍ଷେତ୍ରକୁ ଫେରିଯିବାକୁ ସେ ଅପିଲ୍ କରିଥିଲେ । ସେ କହିଛନ୍ତି ଯେ ପୂର୍ବରୁ ସରକାର ଆମକୁ ହାଲକା ଭାବେ ନେଉଥିଲେ । କିନ୍ତୁ ଗଲା ୩ ଦିନର ଆନ୍ଦୋଳନ ଯୋଗୁଁ ସରକାର ନିଶ୍ଚିନ୍ତ ଆମକୁ ଗୁରୁତ୍ୱ ଦେବେ । ୩ ମାସ ମଧ୍ୟରେ ଦାବି ପୂରଣ ଲାଗି ଗତକାଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ । ଆଜି ମଧ୍ୟ ଆନ୍ଦୋଳନରୁ ଓହରିବା ଲାଗି ସେ ଅନୁରୋଧ କରିଛନ୍ତି । ଆନ୍ଦୋଳନ ଯୋଗୁଁ ଜନସାଧାରଣ ହଇରାଣ ହେଉଛନ୍ତି ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ ମଧ୍ୟ ବ୍ୟାହତ ହେଉଛି । ତେଣୁ ଜନ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆମେ ଆନ୍ଦୋଳନକୁ ବନ୍ଦ କରୁଛୁ । ଦାବି ପୂରଣ ନେଇ ସରକାର ୯୦ ଦିନ ସମୟ ନେଇଛନ୍ତି । ୯୦ରୁ ୯୧ ଦିନ ହେଲେ ଆମେ ଆନ୍ଦୋଳନକୁ ପୁଣି ଓହ୍ଲାଇବୁ । ଲକ୍ଷ ଲକ୍ଷ ଡ୍ରାଇଭର ନବୀନ ନିବାସ ଯିବେ ଓ ସମୂହ ଆତ୍ମାହୁତି ଦେବେ । ସୂଚନା ଥାଉକି, ୧୦ ଦଫା ନେଇ ଗତ ୩ ଦିନ ହେବ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ୍ ଆନ୍ଦୋଳନ କରୁଥିଲେ । ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଜରୁରୀ ଜିନିଷ ମଧ ରାଜ୍ୟରେ ପହଂଚି ପାରିନଥିଲା । ଯାତ୍ରୀମାନେ ବସ୍ ଷ୍ଟାଣ୍ଡରେ ଅଟକି ରହିଥିଲେ । ପେଟ୍ରୋଲ ପମ୍ପରେ ତେଲର ଅଭାବ ଦେଖା ଦେଇଥିଲା । ଡ୍ରାଇଭରମାନେ ରାଜରାସ୍ତା ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା । ଡ୍ରାଇଭର ମହାସଂଘ ପକ୍ଷରୁ ରଖାଯାଇଥିବା ଦାବିଗୁଡ଼ିକ ହେଲା ଡ୍ରାଉଭରଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ଆଣିବା, ୫୫ ବର୍ଷ ବୟସ ପରେ ମାସିକ ୫ ହଜାର ଟଙ୍କା ପେନସନ୍ ପ୍ରଦାନ ସହ ଗୃହ ନିର୍ମାଣ ନିମନ୍ତେ ୫ ଲକ୍ଷ ସହାୟତା ପ୍ରଦାନ, ରାସ୍ତାର ୧୦୦ କିମି ଅନ୍ତରରେ ଡ୍ରାଇଭରମାନଙ୍କ ନିମନ୍ତେ ବିଶ୍ରାମାଗାର ଓ ଗାଡି ପାର୍କିଂ ସ୍ଥଳ ନିର୍ମାଣ, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କୁ ୨୦ ଲକ୍ଷ ଟଙ୍କା ବୀମା ଓ ଅର୍କମଣ୍ୟ ହେଲେ ୧୦ ଲକ୍ଷର ବୀମା ସହ ଚିକିତ୍ସା ସହାୟତା, ଡ୍ରାଇଭର ସଂଖ୍ୟା ସର୍ଭେ ଓ କାର୍ଯ୍ୟ ସମୟସୀମା ଧାର୍ଯ୍ୟ କରିବା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା, ଡ୍ରାଇଭରଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷାର ବ୍ୟବସ୍ଥା କରିବା, ଗାଡ଼ି ଚେକିଂ ଆଳରେ ଡ୍ରାଇଭରଙ୍କୁ ହଇରାଣ ନକରିବା ଏବଂ ଡ୍ରାଇଭିଂ ଲାଇସେନ୍ସ ୧୫ ହଜାର ଟଙ୍କାରୁ କମାଇବା ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭୫ ହଜାର ଟଙ୍କା ଦାନ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ହସ୍ତତନ୍ତ ଜାତୀୟ ପୁରସ୍କାର ବିଜେତା ତଥା ବରଗଡ଼ ଜିଲ୍ଲା ସ୍ଥିତ ଲକି ହାଣ୍ଡଲୁମ୍ସ ମୁଖ୍ୟ ସଞ୍ଜୟ ମେହେର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭୫ ହଜାର ଟଙ୍କା ଦାନ କରିଛନ୍ତି । ଶ୍ରୀ ମେହେର ଉକ୍ତ ଚେକକୁ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀମତୀ ରିତା ସାହୁଙ୍କ ମାଧ୍ୟମରେ ପ୍ରେରଣ କରିଥିଲେ । ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ମାଧ୍ୟମରେ ମନ୍ତ୍ରୀ ଶ୍ରୀମତୀ ସାହୁ ଏହି ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି । ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଶ୍ରୀ ମେହେରଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଉତରତୋର ମଙ୍ଗଳ କାମନା କରିଥିଲେ ।

# ବନ୍ତ ବିଡ଼ିଓଙ୍କ ନିଲମ୍ବନ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପିର ଦାବି




ଭଦ୍ରକ, ୧୭/୦୩ (ନି.ପ୍ର): ବନ୍ତ ବ୍ଲକ ସେଣ୍ଟତିରା ପଞ୍ଚାୟତ ଅନ୍ତର୍ଗତ ଶିଆଳିଆ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ଦିନ ବନ୍ତ ବିଡିଓ ପ୍ରଦୀପ ସେଠୀ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କୁ ମାଡ଼ ମାରିବା ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯିବା ସହ ବିଡ଼ିଓଙ୍କୁ ନିଲମ୍ବନ ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଶୁକ୍ରବାର ଅପରାହ୍ନରେ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତି ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ସ୍ୱେଚ୍ଛାଚାରୀ ହୋଇଯିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିପଦଜନକ ବୋଲି କୁହାଯାଇଛି । ଦଳର ଭଣ୍ଡାରିପୋଖରୀ ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ବ୍ଲକର ପ୍ରଶାସନିକ ମୁଖ୍ୟ ସର୍ବସାଧାରଣ ସ୍ଥାନରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ବିଦ୍ୟାଳୟର ପରିଚାଳନା କମିଟିର ସଭାପତିଙ୍କୁ ମାଡ଼ ମାରିବା ଘଟଣା ସରକାରଙ୍କର ପ୍ରଶାସନିକ ଅଧିକାରୀଙ୍କ ଉପରେ ନିୟନ୍ତ୍ରଣ ନଥିବା ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଆରୋପ କରିଥିଲେ । ଦଳର ଭଣ୍ଡାରିପୋଖରୀ ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ଅରାଜକତା ଓ ବ୍ୟାପକ ଦୁର୍ନୀତି ହେଉଥିବା ଉଲ୍ଲେଖ କରି ବାଲି ଚୋରା ଚାଲାଣ ଓ ବିଭିନ୍ନ କାର୍ଯ୍ୟରେ ପିସି କାରବାରରେ ସରକାରୀ ଅଧିକାରୀ, ସ୍ଥାନୀୟ ବିଧାୟକ ଓ ତାଙ୍କ ଦୁଇ ପୁଅଙ୍କ ସାହାଯ୍ୟରେ ସୀମା ଲଂଘନ କରିଛି ବୋଲି ଅଭିଯୋଗ କରି ଲୋକଙ୍କ ସ୍ୱାର୍ଥ ଓ ସେବା ପ୍ରତି ଆଖିବୁଜି ଦେଇ '୫ ଟି' ଯୋଜନାରେ ବିଦ୍ୟାଳୟରେ ରଙ୍ଗ ବଦଳାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ ହେଉଥିବା କହିଥିଲେ । ଲୋକଙ୍କୁ ସେବା ପ୍ରଦାନ ପରିବର୍ତ୍ତେ ବନ୍ତ ବିଡିଓଙ୍କ ଏପରି କାର୍ଯ୍ୟ ନିନ୍ଦନୀୟ । ଆଜି ଦଳର ନେତାମାନେ ବନ୍ତ ବିଡ଼ିଓଙ୍କ ବିରୋଧରେ ଭଦ୍ରକ ଜିଲାପାଳ ଓ ପୁଲିସ ଉଚ୍ଚ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି ବୋଲି ଶ୍ରୀଯୁକ୍ତ ଧଳ ସୂଚନା ଦେଇଥିଲେ । ସାଧାରଣ ଲୋକଙ୍କ ସୁରକ୍ଷା ଓ ସ୍ୱାର୍ଥ ରକ୍ଷା କରିବାକୁ ବିଜେପି ସର୍ବଦା ତତ୍ପର ଥିବାରୁ ବିଡିଓଙ୍କ ବିରୋଧରେ ତୁରନ୍ତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ମିଳନୀରେ ଦାବି କରାଯାଇଥିଲା ।

# କୁଡୁମୀ ସେନା ପକ୍ଷରୁ ମାର୍ଚ୍ଚ ୨୧ରେ ୬ଘଂଟିଆ ମୟୂରଭଂଜ ବନ୍ଦ

## ୨୦ ତାରିଖ ସଂଧ୍ୟାରେ ବାରିପଦାରେ ବିଶାଳ ମଶାଲ ଶୋଭାଯାତ୍ରା



ବାରିପଦା, ୧୭/୦୩ (ନି.ପ୍ର): କୁଡୁମି ସେନାର ଏକ ବୈଠକ ଶ୍ୟାମାଖୁଂଟା ବ୍ଲକ ଧନପୁର ଶିବମନ୍ଦିର ଠାରେ ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ବ୍ଲକ ସୋଭାପତି ବୀରେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ମାର୍ଚ୍ଚ ୨୦ ତାରିଖ ଦିନ ସନ୍ଧ୍ୟା ୬ ଘଟିକା ସମୟରେ ହଜ଼ାର ହଜ଼ାର ସଂଖ୍ୟାରେ କୁଡୁମି ଛାତ୍ରସେନା, ଯୁବସେନା ଓ ମହିଳାସେନା ମଧୁବନ ଠାରୁ ଛଉପଡ଼ିଆ ପଡିଆ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିବା ସହିତ ୨୧ ତାରିଖ ଦିନ ସକାଳ ୬ ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ମୟୁରଭଂଜବନ୍ଦ ଡାକରା ଦିଆଯାଇଛି । ଆଗାମୀ ଦିନରେ କୁଡୁମି ଜାତିକୁ ଆଦିବାସୀ ମାନ୍ୟତା ନମିଳିଲେ ଏ ଆନ୍ଦୋଳନ ଉଗ୍ରରୁ ଉଗ୍ର ରୂପ ନେବ । ଏଥିପାଇଁ ସରକାର ଦାୟୀ ରହିବେ ବୋଲି କୁହାଯାଇଛି । ବୈଠକ କରେ କୁଡୁମି ଛାତ୍ରସେନାର ସଭାପତି ସୁଧୀର କୁମାର ମହାନ୍ତ ଉପସଭାପତି ଲୋହିତ କୁମାର ମହାନ୍ତ ସମ୍ପାଦକ ସତ୍ୟବ୍ରତ ମହାନ୍ତ ସହସମ୍ପାଦକ ରବୀନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହିତ ଯୁବ, ଛାତ୍ର ଓ ମହିଳା ସେନାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଶନିବାର, ମାର୍ଚ୍ଚ ୧୮, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ସରକାରୀ ଯୋଜନା ସଚେତନ କାର୍ଯ୍ୟକ୍ରମ

ଜଳେଶ୍ୱର, ୧୭/୩ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ସରକାରୀ ଯୋଜନା ବ୍ଲକ ଓ ପୌର ପରିଷଦ ଅଂଚଳର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୂରଲି କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ସଚେତନତା ଶିବିରରେ ତହସିଲଦାର ମିହିର ରଂଜନ ବେହେରା ଅଧ୍ୟକ୍ଷତା କରି ସୂଚନା ଓ ସ୍ୱାଗତ ଜଣାଇଥିଲେ । ଏଥିରେ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅପୂର୍ବ ରଂଜନ ରାୟ ଯୋଗ ଦେଇ ରାଜ୍ୟ ସରକାରଙ୍କ ୩୧ଟି ବିଭାଗର ୪୧୨ଟି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ସଂପର୍କରେ ସୂଚନା ଦେଇ ନିର୍ବାଚିତ ପ୍ରତିନିଧିମାନେ ସଚେତନ ହେଲେ ଲୋକଙ୍କ ହିତରେ ଆସିପାରିବ ବୋଲି କହିଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା ଓ ସ୍ୱଚ୍ଛତା ନେଇ ହେଉଥିବା ଯୋଜନା ଗୁଡିକର ସଫଳତା ନେଇ ସେ ଜାଣିବାକୁ ଚାହିଁଥିଲେ । ୨୦୧୨ ମସିହାରୁ ଅଦ୍ୟାବଧି ସୂଚନା ଅଧିକାର ଆଇନ୍‌ରେ ସମଗ୍ର ବାଲେଶ୍ୱର ଜିଲାର ଜଣେହେଲେ କେହି ଏପିଲେଣ୍ଟ ଅଥରିଟିଙ୍କ ନିକଟରେ ଆବେଦନ କରିନଥିବା ପରିତାପର ବିଷୟ ବୋଲି ଶ୍ରୀ ରାୟ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଡା. ମୋହନ ଲାଲ ମହାନ୍ତି, ବ୍ଲକ ମଂଗଳ ଅଧିକାରୀ ସୁଜିତ୍ ଚାନ୍ଦ, ଗୋଷ୍ଠୀ କୃଷି ଅଧିକାରୀ ସଂଜୟ ରାଉତ, ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ ଜେନା, ବ୍ଲକ ଉପାଧ୍ୟକ୍ଷା ସଂଚିତ ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୁଲିସ୍ ଇନିସ୍‌ପେକ୍ଟର ଶାନ୍ତନୁ ବିଶ୍ୱାଳ, ଅବକାରୀ ଇନିସ୍‌ପେକ୍ଟର ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ ଯୋଗଦେଇ ନଗର ଉନ୍ନୟନ ବିଭାଗରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ସଂପର୍କରେ କହିଥିଲେ । ପୁଷ୍ପପ୍ରିୟା କାମିଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ପୁରାତନ ସୁବର୍ଣ୍ଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ବାଲେଶ୍ୱର, ୧୭/୦୩ (ନି.ପ୍ର): ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବାଲେଶ୍ୱରର ବୋହୂ ପାରମିତା ସରକାରଙ୍କ ଦ୍ୱାରା ଭାରତୀୟ ପୁରାତନ ସୁବର୍ଣ୍ଣ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଶ୍ରୀମତୀ ସରକାରଙ୍କ ସ୍ୱାମୀ ବିଶିଷ୍ଟ ବ୍ୟବସାୟୀ ପ୍ରବୀର ସରକାର ଏହି ଚିତ୍ରକଳା ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ପୁରାତନ ସୁବର୍ଣ୍ଣ ଚିତ୍ରକଳା ପ୍ରଚାର ପ୍ରସାରରେ ଏହା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ୍ୱ କାଳଧରି ପାରମିତା ଚିତ୍ରକଳା ସହ ଜଡ଼ିତ ଥିବା ବେଳେ ତାଙ୍କଠାରୁ ବହୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ପାଇ ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିବା ଆମ ପାଇଁ ମଧ୍ୟ ଗୌରବର ବିଷୟ ବୋଲି ଶ୍ରୀ ସରକାର କହିଥିଲେ। ଭାରତୀୟ ପୁରାତନ ସୁବର୍ଣ୍ଣ ଚିତ୍ରକଳା ସାଙ୍ଗକୁ ସାମ୍ପ୍ରତିକ ଅତ୍ୟାଧୁନିକ ଥ୍ରୀଡି ଆର୍ଟର ସମ୍ଭାରରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିବା ଚିତ୍ରଶିଳ୍ପୀ ପାରମିତା ସରକାର ସୂଚନା ଦେଇଛନ୍ତି। ଦୀର୍ଘବର୍ଷ ପରେ ବାଲେଶ୍ୱରରେ ଆୟୋଜିତ ଏହି ପ୍ରଦର୍ଶନୀରେ ସ୍ଥାନୀତ ବୃନ୍ଦାବନ ପେଣ୍ଟିଂ, ଦକ୍ଷିଣ ଭାରତର ତାନଜୋର ପେଣ୍ଟିଂ, ମହୀଶୂର ପେଣ୍ଟିଂ, ଗ୍ଲାସ ପେଣ୍ଟିଂ, ଡେକୋରେଟିଭ ପେଣ୍ଟିଂ ଓ ଅତ୍ୟାଧୁନିକ ଥ୍ରିଡି ପେଣ୍ଟିଂ ଆଦି ଲୋକଙ୍କ ଦ୍ୱାରା ଅଦୃତ ହେବ ବୋଲି ସେ ଆଶ ପ୍ରକାଶ କରିଛନ୍ତି। ଏହି ଚିତ୍ରକଳା ଶହ ଶହ ବର୍ଷ ସଂରକ୍ଷିତ ରହି ପାରୁଥିବା ବେଳେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଏହାର ବେଶ ଚାହିଦା ରହିଛି। ଦେଶର ରାଜସ୍ଥାନ, ମୁମ୍ବାଇ, ପୁନେ, ମହୀଶୂର ପ୍ରଭୃତି ସ୍ଥାନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ତାଙ୍କ ପେଣ୍ଟିଂକୁ ଲୋକେ ପସନ୍ଦ କରିଛନ୍ତି। ତାଙ୍କର ପେଣ୍ଟିଂ ୧୦ ହଜାରରୁ ଆରମ୍ଭ କରି ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ବି ହୋଇଛି। ତେବେ କେତେ ମୂଲ୍ୟରେ ତାଙ୍କ ଚିତ୍ରକଳା ବିକ୍ରି ହୋଇଛି ତାହା ବଡ଼କଥା ନୁହେଁ, ବରଂ ପୁରାତନ ଭାରତୀୟ ଚିତ୍ରକଳାର ବିକାଶ ସାଙ୍ଗକୁ ଏହାର ପ୍ରଚାର ପ୍ରସାର ପାଇଁ ଏହି ପ୍ରଦର୍ଶନୀ ଏକ ମାଧ୍ୟମ ହୋଇପାରିଛି ବୋଲି ଶ୍ରୀମତୀ ସରକାର ପ୍ରକାଶ କରିଛନ୍ତି। କୋଲକତା ସମେତ ଦେଶର ବିଭିନ୍ନ ସ୍ଥାନରେ ତାଙ୍କର ଏକାଧିକ ଚିତ୍ରକଳା ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ରହିଛି। କିଶୋର କିଶୋରୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ବର୍ଗଙ୍କୁ ଚିତ୍ରକଳା ପ୍ରଶିକ୍ଷଣ ଦେଇ ସେ ବେଶ ଆତ୍ମ ସନ୍ତୋଷ ଲାଭ କରୁଛନ୍ତି ବୋଲି ଶ୍ରୀମତୀ ସରକାର କହିଛନ୍ତି। ବାଲେଶ୍ୱରରେ ବି ଏକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ସେ ଆଗ୍ରହୀ ଥିବା ସୂଚନା ଦେଇଛନ୍ତି। ତେବେ ବାଲେଶ୍ୱରରେ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲୁଥିବା ବେଳେ ଅଧିକରୁ ଅଧିକ ଲୋକେ ଏଥିରେ ଯୋଗ ଦେବାକୁ ଶ୍ରୀମତୀ ସରକାର ସମସ୍ତଙ୍କୁ ନିବେଦନ କରିଛନ୍ତି।

# ସାମ୍ବାଦିକ ମହେନ୍ଦ୍ର ପରିଡାଙ୍କ ଅକାଳ ବିୟୋଗ



ପାରାଦୀପ, ୧୭/୦୩ (ନି.ପ୍ର): ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ମହେନ୍ଦ୍ର ପରିଡା (ପପୁ)ଙ୍କର ଗୁରୁବାର ଦିନ ୪୧ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ସ୍ୱର୍ଗତ ପରିଡା ପ୍ରଥମେ ଦୈନିକ ସମ୍ବାଦପତ୍ର ପ୍ରଗତିବାଦୀର ପାରାଦୀପ ପ୍ରତିନିଧି ଭାବେ କାର୍ଯ୍ୟକରି ବେଶ୍ ପ୍ରଶଂସାର ପାତ୍ର ହୋଇ ପାରିଥିଲେ । ଏହା ପରେ ଦୈନିକ ସମ୍ବାଦପତ୍ର ସର୍ବସାଧାରଣର ପ୍ରତିନିଧି ଭାବେ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ୧୯୮୨ ମସିହାରେ ଜନ୍ମିତ ସ୍ୱର୍ଗତ ପରିଡା ପାରାଦୀପରେ ତାଙ୍କର ଶିକ୍ଷା ସମାପ୍ତ କରିବା ପରେ ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ । ସେ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକଙ୍କ ପାରାଦୀପ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ଅକାଳ ବିୟୋଗରେ ପାରାଦୀପର ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ପାରାଦୀପର କାର୍ଯରତ ସାମ୍ବାଦିକମାନେ ତାଙ୍କର ଅକାଳ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନ ସ୍ୱର୍ଗତ ପରିଡାଙ୍କ ମୃତ ଦେହ ପାରାଦୀପସ୍ଥିତ ତାଙ୍କ ବାସଭବନରେ ପହଂଚିବା ପରେ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ସାଂସଦ ଡା.କୁଳମଣି ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତ ଦେହରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପାରଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହିତ ଅନ୍ତିମ ବିଦାୟ ଜଣାଇଥିଲେ। ସ୍ୱର୍ଗତ ପରିଡାଙ୍କ ପୈତୃକ ଘର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆ ସାହି ଗ୍ରାମରେ ।

## ବିରିଡି ବ୍ଲକରେ ଅଜଣା ଜନ୍ତୁ ଆକ୍ରମଣରେ ୯ ମେଣ୍ଢା ମୃତ

ଜଗତସିଂହପୁର/ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଦୁଇବର୍ଷ ତଳେ କଟକ ଜିଲ୍ଲା ନିଆଳି ଅଂଚଳରେ ମେଣ୍ଢା ଆକ୍ରମଣ ଘଟଣାର ପୁନରାବୃତି ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକରେ ଦେଖିବାକୁ ମିଳିଛି। ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ମଙ୍ଗୁଳି ପଂଚାୟତର ଶଙ୍ଖାରି ସାହିଠାରେ ଅଜଣା ଜନ୍ତୁ ଆତଙ୍କ। ଶଙ୍ଖାରି ସାହି ଗ୍ରାମର ପ୍ରଫୁଲ୍ଲ ବାରିକଙ୍କ ଗୁହାଳରେ ଗତ ରାତିରେ ୯ ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ଏଥିନେଇ ସ୍ଥାନୀୟ ଅଂଚଳରେ ପଶୁପାଳନ କରିଥିବା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଗତ ଦୁଇଦିନ ତଳେ କଟକ ଜିଲ୍ଲା ନିଆଳିଠାରେ ମଧ ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢାର ମୃତ୍ୟୁ ହୋଇଥିଲା। ପୁର୍ନବାର ଏହି ଘଟଣା ଶଙ୍ଖାରିସାହିଠାରେ ଘଟିବା ଦ୍ୱାରା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ସ୍ଥାନୀୟ ସରପଂଚ ନିରଞ୍ଜନ ସେଠି ଘଟଣାସ୍ଥଳରେ ପହଂଚି ଜଙ୍ଗଲ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗକୁ ଅବଗତ କରିଛନ୍ତି। ଘଟଣାସ୍ଥଳରେ ପ୍ରାଣୀସମ୍ପଦ ବିଭାଗ ଘଟଣା ସମ୍ପର୍କରେ ଅନୁଧାନ କରୁଛନ୍ତି।

## ଦିବ୍ୟାଙ୍ଗ ଯୁବକଙ୍କ ଆତ୍ମାହୁତି ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଲା

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଜମି ବିକ୍ରି ପାଇଁ ଅନୁମତି ନ ମିଳିବାରୁ ଦେହରେ ନିଆଁ ଲଗାଇଦେଇଥିବା ଦିବ୍ୟାଙ୍ଗ ଯୁବକଙ୍କ ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି । ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ବିଧାନସଭାରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛନ୍ତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ଗରୀବ ଓ ଅନୁସୂଚିତ ଜାତି ଶ୍ରେଣୀର ଦିବ୍ୟାଙ୍ଗ ଯୁବକ ଋଣ କରି ଏକ ଲୁନା କିଣିଥିଲେ । ହେଲେ ସେ ଏହାର କିସ୍ତି ଶୁଝି ପାରୁ ନ ଥିଲେ । ତେଣୁ ଋଣ ପ୍ରଦାନକାରୀ ସଂସ୍ଥା ତାଙ୍କୁ ଅର୍ଥ ପରିଶୋଧ କରିବାକୁ କହୁଥିଲେ । ଏଥି ପାଇଁ ସେ ତାଙ୍କର ଜମି ବିକ୍ରି କରିବାକୁ ତହସିଲରୁ ଅନୁମତି ମାଗିଥିଲେ । ଦୀର୍ଘ ଏକ ବର୍ଷ ବିତି ଯିବା ପରେ ମଧ ତାଙ୍କୁ ଅନୁମତି ମିଳି ନ ଥିଲା । ତେଣୁ ଶେଷରେ ସେ ଆତ୍ମଦାହ କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ଏହା ଠାରୁ ଦୁଃଖଦ ଘଟଣା ଆଉ କଣ ହୋଇ ପାରେ । ତେଣୁ ଏହି ମାମଲାରେ ବିଭାଗୀୟ ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

# କୋଷ୍ଟ କେନାଲ ପୁନରୁଦ୍ଧାର କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା



ବାଲେଶ୍ୱର, ୧୭/୦୩ (ନି.ପ୍ର): ଐତିହାସିକ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୁନରୁଦ୍ଧାର ମଞ୍ଚର ପ୍ରତିନିଧି ଦଳ କେନ୍ଦ୍ର ଜାହାଜ, ବନ୍ଦର, ପରିବହନ, ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସହ ଆଲୋଚନା କରିଛନ୍ତି। ଜାତୀୟ ଜଳପଥ ନଂ ୫ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେଏହାର ଅଂଶବିଶେଷ ପଶ୍ଚିମବଙ୍ଗର ଗେଓଖାଲିଠାରୁ ଭଦ୍ରକର ଚାରବାଟିଆ ପର୍ଯ୍ୟନ୍ତ କୋଷ୍ଟ କେନାଲକୁ ତୃତୀୟ ପର୍ଯ୍ୟାୟରେ ପ୍ରାବଧାନ ଦିଆନଥିବା ପୁନରୁଦ୍ଧାର ମଞ୍ଚ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏନେଇ ସାଂସଦ ଶ୍ରୀ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲଙ୍କ ଠାରେ ଦୃଢ଼ ଦାବି ଉସ୍ଥାପନ କରିଥିଲେ। ତୃତୀୟ ପର୍ଯ୍ୟାୟ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ଟେକ୍ନୋଫିଜିବିଲିଟି ରିପୋର୍ଟ ନିତ୍ୟାନ୍ତଊଆବଶ୍ୟକ ବୋଲି ସେ କେନ୍ଦ୍ରମନ୍ତ୍ରୀଙ୍କୁ କହିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ ଏନେଇ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫାଇଲ ପ୍ରସ୍ତୁତ ସହ ଉଚିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଲୋଚନା ବେଳେ କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚର ଆବାହକ ଶୁଭଙ୍କର ମହାପାତ୍ର, ସଂଯୋଜକ ବିଜୟଦାସ ଅଧିକାରୀ ଓ ତ୍ରିଭୁବନ ଦାସ ଉପସ୍ଥିତ ଥିଲେ। ଇଷ୍ଟକୋଷ୍ଟ କେନାଲର ପୁନରୁଦ୍ଧାର ହେଲେ ପଶ୍ଚିମବଙ୍ଗର ତମୁଲୁକ ଓ ମିଦିନାପୁର ଜିଲ୍ଲା ଏବଂ ଓଡ଼ିଶାର ବାଲେଶ୍ୱର ଓ ଭଦ୍ରକ ଜିଲାର ବାଣିଜ୍ୟିକ ବିକାଶ ସାଙ୍ଗକୁ ଲୋକେ ବହୁବିଧ ଲାଭ ପାଇପାରିବେ ବୋଲି ପୁନରୁଦ୍ଧାର ମଂଚର କର୍ମକର୍ତ୍ତା କହିଛନ୍ତି। ତୁରନ୍ତ ଏହାର ପୁନରୁଦ୍ଧାର ପାଇଁ ପଶ୍ଚିମବଙ୍ଗର ସାଂସଦ ଦିଲ୍ଲୀପ ଘୋଷ, ଶିଶିର ଅଧିକାରୀ, ଦିବ୍ୟେନ୍ଦୁ ଅଧିକାରୀ ଓ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ମଧ୍ୟ ଦାବି ଜଣାଇଛନ୍ତି।

# ଜାତୀୟ ଜନଜାତି କଳାବସ୍ତୁ ମେଳାର ପଂଚମ ସନ୍ଧ୍ୟା

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀର ଆଜି ଥିଲା ପଂଚମ ସନ୍ଧ୍ୟା । ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ମେଳାରେ ଗୁଜୁରାଟ, ତେଲେଙ୍ଗାନା, ଅରୁଣାଂଚଳ ପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ ପ୍ରଭୃତି ରାଜ୍ୟ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜନଜାତି କାରିଗରମାନଙ୍କ ସମାଗମ ହୋଇଛି । ସେମାନଙ୍କ ପାରମ୍ପରିକ ବେଶପୋଷାକ ଦେଖି ଭୁବନେଶ୍ୱରବାସୀଙ୍କ ଯେତିକି ଉତ୍ସାହ ବଢୁଛି, ସେମାନଙ୍କ ନିର୍ମିତ ଓ ପ୍ରଦର୍ଶିତ ସାମଗ୍ରୀର ସମ୍ଭାର ସେମାନଙ୍କୁ ସେତିକି ବିସ୍ମିତ କରୁଛି । ଖୁବ୍ ସରଳ ଅଥଚ ଆକର୍ଷଣୀୟ କଳା ସାମଗ୍ରୀଗୁଡ଼ିକୁ ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ସେଗୁଡ଼ିକୁ ବଜାର ଉପଯୋଗୀ କରିବା ଏଠାରେ ଯୋଗଦେଇଥିବା କାରିଗରମାନଙ୍କଠାରୁ ଶିଖିବାର ଅଛି । ବାଉଁଶ ସାମଗ୍ରୀ, ଲୁହାରୁ ପ୍ରସ୍ତୁତ ସୌଖୀନ ଜିନିଷ, କାଠନିର୍ମିତ ଯଷ୍ଟି, ଗଣେଶ ମୂର୍ତି, ଖେଳନା, ଟେରାକୋଟା ନିର୍ମିତ ସୂକ୍ଷ୍ମ କଳାକୃତି, ଚିତ୍ରକଳା, ଜନଜାତିଙ୍କ ବାଦ୍ୟଯନ୍ତ୍ର (ବିଶେଷ କରି ଛୋଟ ପିଲାଙ୍କ ପାଇଁ ଓ ଘର ସଜାଇବା ପାଇଁ) ବିଭିନ୍ନ ଜନଜାତିଙ୍କ ପାରମ୍ପରିକ ବେଶପୋଷାକ, ଡୋକ୍ରା ସାମଗ୍ରୀ, ସୂଚୀକର୍ମଶୋଭିତ ଚାଦର, ପୋଷାକପତ୍ର ପ୍ରଭୃତିର ଭରପୂର ସମ୍ଭାର ମେଳାକୁ ଆକର୍ଷଣୀୟ କରିତୋଳିଛି । ସବୁଠାରୁ ବିଶେଷ ଆକର୍ଷିତ କରୁଛି ଜନଜାତିଙ୍କ ସହ ଦର୍ଶକଙ୍କ ଭାବଗତ ଆଦାନପ୍ରଦାନ, ସେମାନଙ୍କ କଳାବସ୍ତୁ ନିର୍ମାଣ କୌଶଳ ଏବଂ ବିପଣନ ପ୍ରତି ସେମାନେ ନେଇଥିବା ପଦକ୍ଷେପ। ମେଳାକୁ ଆସୁଥିବା ଦର୍ଶକମାନେ କଳାବସ୍ତୁ ସାମଗ୍ରୀ ନେଇ ବିମୋହିତ ହେବା ଛଡ଼ା ଆଗ୍ରହ ସହକାରେ କିଣାବିକା କରୁଛନ୍ତି । ଅବସର ସମୟତକ ସେମାନଙ୍କ ସହ ସାଂସ୍କୃତିକ ଆଳାପ କରୁଛନ୍ତି। ମନୋରମ ସନ୍ଧ୍ୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ପ୍ରାୟୋଜିତ ଗଜପତି, ମାଲକାନଗିରି ଜିଲ୍ଲାର ଜନଜାତି କଳାକାରମାନେ ସେମାନଙ୍କ ଭିନ୍ନ ପାରମ୍ପରିକ ନୃତ୍ୟ ପ୍ରଦର୍ଶନପୂର୍ବକ ଦର୍ଶକମାନଙ୍କ ମନୋରଞ୍ଜନ କରୁଛନ୍ତି । ଏହି ମେଳା ଆସନ୍ତା ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ- ବି ଟିମ ବିଜୟୀ



ବାରିପଦା, ୧୭/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏ ଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଂଟର ଅଷ୍ଟମ ଦିନର ମ୍ୟାଚରେ ଡିଆରକେ - ବି ରାଇରଙ୍ଗପୁରକୁ ୮ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ୩୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଜ୍ଞାନ ମହାନ୍ତି ୩୧, ଅଭୟ ମହାନ୍ତ ୨୩ ଓ ଅଜୁ ମହାନ୍ତ ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ମନୋଜ ମହାନ୍ତ ୪ ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ଆଦିତ୍ୟ ବସା ମଧ ୩ ଟି ଉଇକେଟ ନେଇଥିଲେ । ଉତ୍ତରରେ ଡିଆରକେ- ବି ୨୨ ଓଭରରେ ମାତ୍ର ଦୁଇଟି ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ସୌମ୍ୟ ମହାନ୍ତ ୮୬, ଦିବ୍ୟ ରଂଜନ ଦାସ ୪୯ ଓ ପ୍ରୀତପାଲ ସିଂହ ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ଅଜୁ ମହାନ୍ତ ଏକ ମାତ୍ର ଉଇକେଟ ଉଇକେଟ ନେଇଥିଲେ। ସୁଶାନ୍ତ ମହାନ୍ତି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସସ୍ମିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତ ସୁଦିପ ମନ୍ତ୍ରୀ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ଥିଲେ ।

## ୧୩ ନଂ ୱାର୍ଡ଼ରେ ମୁକ୍ତାକାଶ ବ୍ୟାୟାମଗାର ଉଦ୍‌ଘାଟିତ

ବାଲେଶ୍ୱର, ୧୭/୦୩ (ନି.ପ୍ର): ବାଲେଶ୍ୱର ପୌରପାଳିକା ପକ୍ଷରୁ ୧୩ ନଂ ୱାର୍ଡ଼ ମାକଲପୁରଠାରେ ପ୍ରତିଷ୍ଠା ହୋଇଥିବା ଓପନ ଜିମ (ମୁକ୍ତାକାଶ ବ୍ୟାୟାମଗାର) ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପୌରାଧ୍ୟକ୍ଷା ସବିତା ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ଓ ଫିଟନେସ ବୃଦ୍ଧିରେ ଏହି ଜିମ୍ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ମୁକ୍ତ ଯୋଜନାରେ ୫,୦୨୪୯୩ ଖର୍ଚ୍ଚ ଅଟକଳରେ ଏହି ଜିମ ସ୍ଥାପନ ହୋଇଥିବା ସେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ମୁକ୍ତା ଯୋଜନା ସହରର ବିକାଶ ଧାରାକୁ ଆଗେଇ ନେଇଥିବା ସେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ କାଉନସିଲର ପ୍ରତିମା ବେହେରା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ପୌରପାଳିକାର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଜୟ ହନୁମାନ ଏସଏଚଜି ଦ୍ୱାରା ସ୍ଥାପନ ହୋଇଥିବା ଏହି ଓପନ ଜିମ ଆମ ୱାର୍ଡ଼ର ଶୋଭା ବଢ଼ାଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ମନସ୍ୱିନୀ ସାମଲ, ଜୟ ହନୁମାନ ଏସଏଚଜି ସଭାପତି ନିବେଦିତା କାନୁନଗୋ, ସମ୍ପାଦିକା ସାବିତ୍ରୀ ବାରିକ, ପୌର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ବେହେରୋ, ମୁକ୍ତା ଯୋଜନା ଯନ୍ତ୍ରୀ ଦିବ୍ୟମାନ ମହାନ୍ତି ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର

ମୟୁରଗ୍ରାମ, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୩-୨୪

NOC No-SSGSKMR/371/2020
UDISE CODE-21080900781

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ କେ.ଜି.-୧ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଶିକ୍ଷକ
ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ମୟୁରଗ୍ରାମ, ବାଲେଶ୍ୱର

Mob - 7735648744, 9861340413

# ଭଦ୍ରକ ଜିଲ୍ଲାରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ଦାବି ଜୋର ଧରିଲା



ଭଦ୍ରକ, ୧୭/୦୩ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଏକ ସରକାର ମେଡ଼ିକାଲ କଲେଜ ସ୍ଥାପନ ପାଇଁ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ସରକାରଙ୍କୁ ବାରମ୍ବାର ଦାବିପତ୍ର ଦିଆଯିବା ସଂଗେସଂଗେ ଅନେକ ବାର ଆନ୍ଦୋଳନ କରାଯାଇଛି। ୨୦୧୮ ମସିହାରେ ସମଗ୍ର ଭଦ୍ରକ ଜିଲ୍ଲାକୁ ବନ୍ଦ ଡାକରା ଦିଆଯାଇଥିଲେ ମଧ ସରକାରୀ କର୍ଣ୍ଣପାତ କରି ନାହାନ୍ତି। ଭଦ୍ରକ ଜିଲ୍ଲା ପ୍ରତି ସରକାରଙ୍କ ନକରାତ୍ମକ ମନଭାବ ଓ ବେଖାତିର ପାଇଁ ଜିଲ୍ଲାବାସୀଙ୍କ ମନରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହାକୁ ନେଇ ଆଜି ଭଦ୍ରକ ଜିଲ୍ଲା ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଡାକ୍ତର ହରେକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ବୈଲୋଚନ ବେହୁରିଆ, ପୂର୍ବତନ ବିଧାୟକ ନରେନ ପଲେଇ, ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର, ଡାକ୍ତର ପ୍ରଦୀପ ନାୟକ, ଡାକ୍ତର ପ୍ରଭାସ ମହାନ୍ତି, ସୁଦର୍ଶନ ବାରିକ, ପ୍ର. ଅଟଳ ବିହାରୀ ନାୟକ, କୈଳାସ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ଦାସ, ହରମୋହନ ଜେନା, ଡ. ଭାଗବତ ତ୍ରିପାଠୀ, ଲକ୍ଷ୍ମଣ ମହାନ୍ତି, ଅସ୍‌ରଫ୍ ଅଲୀ, ଡ. ଗୋଲକ ବିହାରୀ ସାହୁ, ନାରାୟଣ ଜେନା, ଗୀତାରାଣୀ ଆଇଚ, ଡା. ଦୁର୍ଯ୍ୟୋଧନ ଦାସ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଭଦ୍ରକରେ ମେଡ଼ିକାଲ କଲେଜ ଯେ ପର୍ଯ୍ୟନ୍ତ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦିନକୁ ଦିନ ଅସନ୍ତୋଷର ନିଆଁ ଅଧିକ ଯୋର ହେଉଥିବାରୁ ଆନ୍ଦୋଳନକୁ ମଧ ଜୋର୍‌ଦାର୍ କରାଯିବ ବୋଲି ଚେତବାନୀ ଦେଇଥିଲେ। ଏପରି ଆବଶ୍ୟକ ହେଲେ ପୂର୍ବ ଭଳି ସମଗ୍ର ଜିଲ୍ଲାବାସୀ ରାଜରାସ୍ତାକୁ ଉହ୍ଲାଇବାକୁ ପଛାଇବେ ନାହିଁ ବୋଲି କହିଥିଲେ। ବୈଠକରେ ଏକ ପରିଚାଳନା କମିଟି ଗଠନ ପାଇଁ ସଭାପତି ତଥା ଆବାହକ ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ଅଭୟ ଦ୍ୱିବେଦୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ବୈଲୋଚନ ବେହୁରିଆଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଗଲା। ସେମାନେ ବିଭିନ୍ନ ସଂଗଠନରୁ ସଭ୍ୟସଭ୍ୟାମାନଙ୍କୁ ଡାକି ଏକ କମିଟି ଗଠନ କରିବେ। ପରବର୍ତ୍ତୀ ବୈଠକରେ ସେମାନଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ସ୍ଥିର କରାଯିବ। ଏଥି ସହିତ ଆଗାମୀ ୨୬ ତାରିଖରେ ଭାରତ ସରକାରଙ୍କ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଭଦ୍ରକ ଗସ୍ତରେ ଆସୁଥିବା ସମୟରେ ତାଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରାଯିବାକୁ ବଠିକରେ ନିଷତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଡା. ରମେଶ ଚନ୍ଦ୍ର ସାହୁ, ଅମର କୁମାର ପାଣିଗ୍ରାହୀ, ବିଜୟ ଦାସ, ଡ. ରାମଚନ୍ଦ୍ର ପଣ୍ଡଶ, ବସନ୍ତ କୁମାର ମହାନ୍ତି, ଦିଲିପ ନାୟକ, ଡ. ରାଧାରାଣୀ ମହାପାତ୍ର, ମନୋଜ କୁମାର ଜତି, ଦୁଃଶାସନ ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ଗୌରାଙ୍ଗ ଚରଣ ବାରିକ, ଆଦିତ୍ୟ କୁମାର ନାୟକ, ସୀତାକାନ୍ତ ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ ଚନ୍ଦ୍ରମୋହନ ମହାନ୍ତି, ହରେକୃଷ୍ଣ ମହାକୁଡ଼, ଅମ୍ବିକା ଦାସ, କୂଳମଣି ବେହେରା, ଗୌରଚନ୍ଦ୍ର ପଣ୍ଡା, ଅମରେନ୍ଦ୍ର ବିଶ୍ୱାଳ, ଧିରେନ୍ଦ୍ର କୁମାର ସାହୁ, ଶଶଧର ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, କଲ୍ଲୋଳ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବୀଣାପାଣି ଶିଶୁ ମନ୍ଦିର

ପୋଡାଡିହା, ରୂପସା, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୩-୨୪

UDISE CODE-21081014081

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ Nursery ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଶିକ୍ଷକ
ବୀଣାପାଣି ଶିଶୁ ମନ୍ଦିର
ପୋଡାଡିହା, ରୂପସା, ବାଲେଶ୍ୱର

ବୀଣାପାଣି ଶିଶୁ ମନ୍ଦିରର ବିଦ୍ୟାଳୟରେ ଗୁରୁଜୀ, ଗୁରୁମା ଆବଶ୍ୟକ ।

ଯୋଗାଯୋଗ କରନ୍ତୁ : 9337671226, 9937584826

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo